ବର୍ଷ-୨୪, ସଂଖ୍ୟା-୧୫୩
ଭୁବନେଶ୍ୱର
୦୧ ଜୁନ, ୨୦୨ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 153
Bhubaneswar
01 July, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଚାମ୍ପିଅନ୍ ଦଳକୁ ପୁରସ୍କାର ବର୍ଷା

# ରାଜ୍ୟ ବିଜେପିର 'ସମ୍ବର୍ଦ୍ଧନା ସଭା'



- ବିଜୟ ପଛରେ ଅନେକ ପିଢୀର ବଳିଦାନ : ମୁଖ୍ୟମନ୍ତ୍ରୀ
- ଓଡ଼ିଶାରେ ବିଜେପି ସରକାରର ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥ : ଧର୍ମେନ୍ଦ୍ର
- ବିକଶିତ ଓଡିଶା ଗଠନ ଆମ ସମସ୍ତଙ୍କ ମୂଳ ଲକ୍ଷ୍ୟ : ଜୁଏଲ
- ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ସହ କାର୍ଯ୍ୟ ତ୍ୱରିତ ବିକାଶ କରାଯିବ : ଅଶ୍ୱିନୀ

ଭୁବନେଶ୍ୱର,୩୦।୬(ମହାଭାରତ): ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ନୂତନ ବିଧାୟକ ଓ ସାଂସଦମାନଙ୍କୁ "ସମ୍ବର୍ଦ୍ଧନା ସଭା" ଦଳ ପକ୍ଷରୁ ଆୟୋଜନ କରାଯାଇଛି।

ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟରେ ବିଜେପିର ସରକାର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡା, କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂଶଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହ ପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡିଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଓ ନେତୃତ୍ୱ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ରାଜ୍ୟବାସୀଙ୍କ ତରଫରୁ ରାଜ୍ୟ ସଭାପତି ଶ୍ରୀ ସାମଲ ଧନ୍ୟବାଦ ଜ୍ଞାପନ କରିବା ସହିତ ରାଜ୍ୟବାସୀଙ୍କୁ ମଧ କୃତଜ୍ଞତା ଜ୍ଞାପନ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, "ମୁଁ ଏକ ବିନ୍ଦୁ, ସିନ୍ଧୁ ସପନ ଦେଖିଛି। ସେହି ବିନ୍ଦୁମାନଙ୍କର ସ୍ୱପ୍ନ ଆଜି ସିନ୍ଧୁର ରୂପ ନେଇଛି। ଏହି ସିନ୍ଧୁର ମହାପ୍ରବାହର କୁଳରେ ବସି ସେହି ବିନ୍ଦୁମାନଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରୁଛି" ।ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆର୍ଶୀବାଦରୁ ବିଜେପି ପୂର୍ଣ୍ଣସଂଖ୍ୟା ଗରିଷ୍ଠତା ହାସଲ କରି ପ୍ରଥମ ଥର ପାଇଁ ରାଜ୍ୟରେ ଏକାକୀ ସରକାର ଗଠନ କରିଛି । ଏହି ବିଜୟ ପଛରେ ଅନେକ ପିଢୀର ବଳିଦାନ ଓ ବର୍ତ୍ତମାନ କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ରହିଛି। ମୋ ଭଳି ଜଣେ ସାଧାରଣ କାର୍ଯ୍ୟକର୍ତ୍ତା, ଛୋଟିଆ ଶିଶୁ ମନ୍ଦିରର ଶିକ୍ଷକରୁ ପୁଣି ସରପଂଚର ସଂଘର୍ଷ ରାସ୍ତାରେ ଚାଲୁଚାଲୁ ମୁଖ୍ୟମନ୍ତ୍ରୀ ଆସନରେ ମୋତେ ରାଜ୍ୟବାସୀ ବସାଇଛନ୍ତି । ଏଥର ଓଡ଼ିଆଙ୍କ ଜନାଦେଶ, ଓଡିଆ ଅସ୍ମିତା ପାଇଁ ହିଁ ମିଳିଛି। 'ଆମ ସରକାର' ସହ ଖଣ୍ଡି ଓଡ଼ିଆର ଯୁଗ ଶେଷ ହୋଇଛି। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି, ପରମ୍ପରା ଆମର ପରିଚୟ। ଓଡ଼ିଶା ଏକ ଭୌଗଳିକ ଭୂଖଣ୍ଡ ନୁହେଁ, ଓଡ଼ିଶା ଆମର ମା'। କାନ୍ତ କବି ଲକ୍ଷ୍ମୀକାନ୍ତଙ୍କ କାଳଜୟୀ, ବନ୍ଦେ ଉତ୍କଳ ଜନନୀର ପ୍ରତିଟି ଶବ୍ଦ, ଉତ୍କଳ ଜନନୀର ସ୍ୱତନ୍ତ୍ରତା ଓ ପରିଚୟର ଗୋଟିଏ ଗୋଟିଏ ଦିଗ। ଉତ୍କଳ ଜନନୀ ସଭ୍ୟତା, ସଂସ୍କୃତି, ଭାଷାକୁ ଅପମାନିତ କରିବା ଯୁଗ ଶେଷ ହୋଇଛି। ଆମ ଅସ୍ମିତାର ଟେକ ରଖିବାର ଦାୟିତ୍ୱ ଆମ ସମସ୍ତଙ୍କ କାନ୍ଧରେ। ଓଡିଶାର ବରପୁତ୍ରମାନଙ୍କ ତ୍ୟାଗ, ତପସ୍ୟା ଓ ଦୂରଦୃଷ୍ଟି କାରଣରୁ ଓଡ଼ିଶା ଦେଶର ପ୍ରଥମ ଭାଷା ଭିତିକ ରାଜ୍ୟ ହୋଇଛି। ଓଡ଼ିଆ ଗୌରବକୁ ବିଶ୍ୱରେ ଅଗ୍ରଣୀ ସ୍ଥାନ ଦେବା ପାଇଁ ପ୍ରାଣପଣେ ଉଦ୍ୟମ କରିବା ହେଉଛି ପ୍ରତ୍ୟେକ ଓଡିଆର ପ୍ରଥମ କର୍ତବ୍ୟ ବୋଲି ଶ୍ରୀ ମାଝୀ କହିଛନ୍ତି।

ଓଡ଼ିଶାରେ ରହିଛି ଅମାପ ପ୍ରାକୃତିକ ସମ୍ପଦ, ପ୍ରଚୁର ଜଳ ସମ୍ପଦ, ଉର୍ବର ମୃତିକା, ସୁଦୀର୍ଘ ବେଳାଭୂମି, ପରିଶ୍ରମୀ ମାନବ ସମ୍ବଳ। ଓଡ଼ିଶା ଧନୀ ହେଲେ ମଧ ଓଡ଼ିଆ ଗରିବ। ଗରୀବକଲ୍ୟାଣ ଆମ ପ୍ରାଥମିକତା। ଆମର କାର୍ଯ୍ୟ ଖସଡା ଆମ ସଂକଳ୍ପ ପତ୍ର। ଏବେ ଶ୍ରୀ ମନ୍ଦିରର ୪ ଦୁଆର ଖୋଲିଛି। ୫୦୦ କୋଟିର କର୍ପସ ଫଣ୍ଡ ମହାପ୍ରଭୁଙ୍କ ପାଇଁ ସମର୍ପିତ ହୋଇ ସାରିଛି। ଆଗକୁ ରତ୍ନଭଣ୍ଡାର ଖୋଲାଯାଇ ଗଣତି ହେବ। ମହାପ୍ରଭୁଙ୍କ ରତ୍ନରେ ଯଦି ଟିକିଏ ଗଡିବଡ଼ି ଥାଏ, ତାହେଲେ ଦୋଷୀଙ୍କୁ ଖୋଜି ଦଣ୍ଡ ଦିଆଯିବ। ଗତ ଶାସନରେ ଓଡ଼ିଶାର ସମ୍ପଦକୁ ଏବଂ ଓଡ଼ିଆଙ୍କ ଝାଳବୁହା ଅର୍ଥକୁ ଯେଉଁମାନେ ଲୁଟ୍ କରିଛନ୍ତି, ସେମାନଙ୍କୁ ଅଦାଲତ ନିୟମ ଅନୁଯାୟୀ ଦଣ୍ଡିତ କରାଯିବ। ଓଡ଼ିଆ ଲୋକଙ୍କ ଜନାଦେଶକୁ ପାଳନ କରିବାର ଆମେ କେବଳ ମାଧ୍ୟମ ହେବୁ। ବିଜେପି ସରକାର ମହିଳା, କୃଷକ, ଯୁବକ, ଆଦିବାସୀ, ଦଳିତ ଓ ପଛୁଆ ବର୍ଗକୁ ପ୍ରାଥମିକତା ଦେବ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅର୍ଥାତ୍ ସେପ୍ଟେମ୍ବର ୧୭ରୁ ସୁଭଦ୍ରା ଯୋଜନା ଲାଗୁ ହେବ। ଏହି ଯୋଜନାରେ ରାଜ୍ୟର ସବୁ ମହିଳାଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଭାଉଚର ଯୋଗାଇ ଦିଆଯିବ। ଚାଷୀମାନଙ୍କୁ ବିନା କଟନ୍ି ଛଟନୀରେ ବୋନସ୍ ଦିଆଯିବ। ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ। ଯୁବପିଢ଼ୀର ରୋଜଗାର ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଏହା ଛଡ଼ା ଗାଁର ଗରିବ, ଖଟିଖିଆ, ମଜୁରିଆଙ୍କୁ ସମ୍ମାନର ସହ ବଂଚିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଥିଲେ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଓଡ଼ିଶାରେ ବିଜେପି ସରକାରର ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥ, ସାଢେ ୪ କୋଟି ଓଡ଼ିଆ ଏବଂ ବିଜେପି କାର୍ଯ୍ୟକର୍ତ୍ତାଙ୍କ ନିକଟରେ ସମର୍ପିତ । ହଜାର ହଜାର ବର୍ଷ ପୂର୍ବେ ଲଢେଇ କରିଥିବା କଳିଙ୍ଗ ଯୁଦ୍ଧର ସଂଗ୍ରାମୀଗଣ, ସଂଗ୍ରାମୀ ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ବାଜି ରାଉତ, ହରେକୃଷ୍ଣ ମହତାବ, ମଧୁସୂଦନ ଦାସ, ଗଙ୍ଗାଧର ମେହେର, ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓ ଫକୀରମୋହନ ସେନାପତିଙ୍କ ନିକଟରେ ସମର୍ପିତ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ରାଷ୍ଟ୍ରୀୟ ଅଧକ୍ଷ ଜେ.ପି ନଡ୍ଡାଙ୍କ ନେତୃତ୍ୱରେ ଏକ ଜାତୀୟ ଦଳ ଓଡ଼ିଶାରେ 'ଓଡ଼ିଆ ଅସ୍ମିତା' ପରି ଆଞ୍ଚଳିକ ଆବେଗକୁ ପ୍ରସଙ୍ଗ କରିଥିବାରୁ କୃତଜ୍ଞତା ଜଣାଉଛି। ବିଜେପିର ବିଜୟ ଓଡ଼ିଆ ଆବେଗ, ଅଭିମାନ ଓ ସ୍ୱାଭିମାନର ପ୍ରତିଫଳନ, ଯାହାକୁ ଆମେ କାର୍ଯ୍ୟକର୍ତ୍ତାମାନେ କେବେ ବି ଭୁଲିବା ଉଚିତ୍ ନୁହେଁ।

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, ବିଜେପିକୁ ଏକଦା ପୋଷ୍ଟର ପାର୍ଟୀ ବୋଲି କୁହାଯାଉଥିବାବେଳେ ଆଜି ପ୍ରଥମ ଥର ପାଇଁ ରାଜ୍ୟରେ ଏକାକୀ ସରକାର ଗଠନ କରିଛି ବିଜେପି। ରାଜ୍ୟବାସୀ ଆମକୁ ଯେଉଁ ଗୁରୁଦାୟୀତ୍ୱ ପ୍ରଦାନ କରିଛନ୍ତି, ତାକୁ ଆମେ ସମସ୍ତେ ପ୍ରତିବଦ୍ଧତାର ସହିତ ପାଳନ କରିବା।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି କହିଛନ୍ତି ଯେ,େ ଅତୀତରେ ଓଡିଶାକୁ ପ୍ରତ୍ୟେକ କ୍ଷେତ୍ରରେ ଅବହେଳା କରାଯାଉଥିଲା। ମୋଦି ସରକାର ଅମଳରେ ଏହା ପରିବର୍ତନ ହୋଇଛି ଏବଂ ଓଡିଶାକୁ ପ୍ରାଧାନ୍ୟ ଦିଆଯାଉଛି। ବିଶେଷ ଭାବେ ରେଳ ବିକାଶ କ୍ଷେତ୍ରରେ ଓଡିଶାକୁ ପ୍ରତି ବର୍ଷ ଦଶ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଆର୍ଥୀକ ଅନୁଦାନ ଆସୁଛି।

ଲଗାତାର ତୃତୀୟ ଥର ପାଇଁ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଦାୟୀତ୍ୱ ନେବା ପରେ ଆଜି ପ୍ରଥମ ମନ୍ କି ବାତ୍ କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତ ନେତୃବୃନ୍ଦ ଓ କାର୍ଯ୍ୟକର୍ତା ଏକାଠି ହୋଇ ଶୁଣିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟର ଉପ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ବୃକ୍ଷଚାରା, ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ ଓ ବିଧାୟକମାନଙ୍କୁ ପାର୍ଟୀ ତରଫରୁ ବୃକ୍ଷଚାରା, ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କାରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ଶପ୍ତଶଯ୍ୟାରେ ବାଟବଣା ହେଲେ ୫ ସାଙ୍ଗ



ଢେଙ୍କାନାଳ,୩୦।୬(ମହାଭାରତ): ସପ୍ତଶଯ୍ୟା ପାହାଡ଼ ବୁଲିବାକୁ ଯାଇଥିଲେ ୫ ସାଙ୍ଗ ଘଞ୍ଚ ଜଙ୍ଗଲରେ ବୁଲୁ ବୁଲୁ ହଜିଯାଇଛନ୍ତି। ଆଉ ଫେରିବାକୁ ବାଟ ପାଇଲେ ନାହିଁ। ଦିନ ଯାଇ ରାତି ହେଲା। ହେଲେ ସେମାନେ ଫେରି ପାରିଲେନାହିଁ। ତେବେ ସନ୍ଧ୍ୟା ବେଳେ ପରିବାର ଲୋକଙ୍କଠାରୁ ସୂଚନା ପାଇ ଢେଙ୍କାନାଳ ବନ ବିଭାଗ ରାତିରେ ଉଦ୍ଧାର କାର୍ଯ୍ୟ ଚଳାଇଛି। ବର୍ଷା ରାତିରେ ଘଞ୍ଚ ଜଙ୍ଗଲରେ ଟର୍ଚ୍ଚ ଲାଇଟ୍ ପକାଇ ପିଲାମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟ ଚଳାଇଛି। ବର୍ତ୍ତମାନ ସୁଦ୍ଧା ସେମାନଙ୍କ ପତ୍ତା ମିଳୁନି ଏପରିକି ସେମାନଙ୍କ ମୋବାଇଲ୍ ଲୋକେସନ୍ ମଧ ମିଳୁନି। ଯାହାକୁ ନେଇ ଅଭିଭାବକଙ୍କ ମଧରେ ଭୟର ବାତାବରଣ ଖେଳି ଯାଇଛି।

କଟକ ଲିଙ୍କ ରୋଡ୍ ଅଞ୍ଚଳର ଅରକ୍ଷିତ ମହାପାତ୍ର, ଶୁଭମ୍ ମହାପାତ୍ର, ହିମାଂଶୁ ଦାଶ, ସୁଜିତ ସାହୁ ଓ ଲକି ଦାଶ ଆଜି ସକାଳେ ଢେଙ୍କାନାଳର ସପ୍ତଶଯ୍ୟା ପାହାଡ଼ ବୁଲିବା ପାଇଁ ଯାଇଥିଲେ। ବୁଲାବୁଲି ଭିତରେ ସେମାନେ କେତେବେଳେ ଘଞ୍ଚ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ, ଜାଣିପାରିନଥିଲେ। ଆଉ ଜାଣିଲା ବେଳକୁ ସ୍ଥିତି ଅସମ୍ଭାଳ ହୋଇଯାଇଥିଲା। ଫେରିବା ବାଟ ଭୁଲି ଯାଇଥିଲେ। ଦିନ ସାରା ବାଟ ବଣା ପାହାଡ଼ରେ ବୁଲିଥିଲେ। ହେଲେ ଫେରିବାର ରାସ୍ତା ପାଇଲେ ନାହିଁ। ତେବେ ସନ୍ଧ୍ୟା ବେଳେ ସେମାନଙ୍କ ଭିତରେ ଜଣେ ନିଜ ଘରକୁ ଫୋନ୍ କରିଥିଲେ। ଆଉ କହିଥିଲେ, ସପ୍ତଶଯ୍ୟା ପାହାଡ଼ ବୁଲିବାକୁ ଆସିଥିଲୁ କିନ୍ତୁ ଫେରିବା ବାଟ ପାଉନୁ।

ଏ କଥା ଶୁଣିବା ପରେ ପରିବାର ଲୋକଙ୍କ ଅକଲ ଗୁଡୁମ୍ ହୋଇଯାଇଥିଲା। ପରିବାର ଲୋକେ ଏନେଇ ଢେଙ୍କାନାଳ ସଦର ଥାନା ପୁଲିସ୍ ଓ ସପ୍ତଶଯ୍ୟା ବନ ବିଭାଗକୁ ଖବର ଦେଇଥିଲେ। ଏହା ପରେ ତତ୍ପର ହୋଇଥିଲା ସଦର ଥାନା ପୁଲିସ୍ ଓ ବନ ବିଭାଗ ପିଲାମାନଙ୍କୁ ଉଦ୍ଧାର କରିବା ପାଇଁ ବନ ବିଭାଗ ୩ଟି ଟିମ୍ ଗଠନ କରିଛି। ସଦର ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ ୩ଟି ଟିମ୍ ପିଲାମାନଙ୍କୁ ଖୋଜିବା ପାଇଁ ସପ୍ତଶଯ୍ୟା ଜଙ୍ଗଲ ଭିତରକୁ ଯାଇଛି। ଏଥିସହ ଘଞ୍ଚ ଜଙ୍ଗଲ ଭିତରେ ରହିଥିବା ଏଲିଫେଣ୍ଟ ସ୍କ୍ୱାଡଙ୍କୁ ମଧ ଏ ସମ୍ପର୍କରେ ସୂଚନା ଦେଇଛି। ପିଲାମାନେ ମିଳିଲେ ପାହାଡ଼ ତଳକୁ ନେଇଆସିବା ପାଇଁ ବନ ବିଭାଗ ପରାମର୍ଶ ଦେଇଛି। ସେପଟେ ଦେଖିବାକୁ ଗଲେ ପିଲାମାନଙ୍କ ମୋବାଇଲ୍ ବନ୍ଦ ରହିଛି। ତେଣୁ ସେମାନଙ୍କୁ ଟ୍ରାକ୍ କରି ହେଉନି। ୭ଟି ପାହାଡ଼କୁ ନେଇ ଗଠିତ ସପ୍ତଶଯ୍ୟାଟି ଘଞ୍ଚ ଅରଣ୍ୟ। ତାହାପରେ ପୁଣି ସକାଳଠାରୁ ବର୍ଷା ଲାଗି ରହିଛି। ସନ୍ଧ୍ୟାଠାରୁ ପ୍ରବଳ ବର୍ଷା ଲାଗି ରହିଛି। ଏପରି ସ୍ଥିତିରେ ଘଞ୍ଚ ଜଙ୍ଗଲରେ ଖୋଜିବା ବନ ବିଭାଗ ପାଇଁ କାଠିକର ପାଠ ହେଉଛି। ତଥାପି ବନ ବିଭାଗ ତରଫରୁ ଖୋଜାଖୋଜି ଚାଲିଥିବା ଜଣାପଡ଼ିଛି।

## ବଜ୍ରାଘାତରେ ୨ ମୃତ

ଖୋର୍ଦ୍ଧା, ୩୦।୬(ମହାଭାରତ): ବଜ୍ରାଘାତରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲା ପୁବୁସାହି ପଂଚାୟତର ଜୟମଙ୍ଗଳ ଗାଁ ରେ। ଗ୍ରାମର ନାରଣ ପ୍ରଧାନ ଏବଂ ସରୋଜ ଜେନା ନାମକ ୨ ଜଣ ବ୍ୟକ୍ତି ଚାଷ କାମ ସାରି ବିଲରୁ ଫେରୁଥିବା ବେଳେ ବଜ୍ରପାତ ଘଟି ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଉଭୟ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ମାତ୍ର ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବରପାଇ ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ ପହଂଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ଆର୍ଥିକ ସହଯୋଗ ପାଇଁ ଜିଲା ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ରେଳ ପ୍ରକଳ୍ପର ସମୀକ୍ଷା କଲେ ଅଶ୍ୱିନ ବୈଷ୍ଣବ



ଭୁବନେଶ୍ୱର, ୩୦।୬(ମହାଭାରତ): ପୂର୍ବ ତଟ ରେଳପଥ ପରିସୀମା ମଧରେ ଚାଲୁରହିଥିବା ରେଳ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ବନ୍ଧରେ ଆଜି ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳ ସଦନ ଠାରେ ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ବିସ୍ତୃତ ସମୀକ୍ଷା କରିଛନ୍ତି । ଏହି ଅଂଚଳରେ ଭିତ୍ତିଭୂମି ବିକାଶ ଏବଂ ନିର୍ମାଣ କାର୍ଯ୍ୟ ସମୟରେ ଉପୁଜୁଥିବା କେତେକ ପ୍ରମୁଖ ପ୍ରତିବନ୍ଧକର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଚାଲିରହିଥିବା ରେଳ ପ୍ରକଳ୍ପଗୁଡିକରେ ସମସ୍ୟା କ୍ଷେତ୍ରଗୁଡିକ ଯଥା ଜମି ଅଧିଗ୍ରହଣ, ଜଙ୍ଗଲ ସମସ୍ୟା ଏବଂ ଆଇନ ଏବଂ ଶୃଙ୍ଖଳା ଇତ୍ୟାଦିର ସମାଧାନ ଉପରେ ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିଲେ । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନର ଶୀଘ୍ର ସମାପ୍ତି ପାଇଁ ଟନେଲ୍ ଗୁଡିକର ନିର୍ମାଣ କାର୍ଯ୍ୟ ଉଭୟ ପାର୍ଶ୍ୱରୁ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ପ୍ରାୟ ସାତ କିଲୋମିଟର ଲମ୍ବର ପ୍ରମୁଖ ଟନେଲ ସହିତ ମାର୍ଗରେ ଜାତୀୟ ରାଜପଥକୁ ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯିବ, ଯାହାଫଳରେ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପାଦନ କରାଯିବ । ଏହା ବ୍ୟତୀତ ତାଳଚେର-ବିମଳାଗଡ଼ ନୂଆ ରେଳ ଲାଇନରେ ନିର୍ମାଣ କାର୍ଯ୍ୟକୁ ଉଭୟ ପାର୍ଶ୍ୱରୁ, ଯଥା ତାଳଚେର ପାର୍ଶ୍ୱ ଏବଂ ବିମଳାଗଡ଼ ପାର୍ଶ୍ୱରୁ ସମ୍ପାଦନ କରାଯିବାକୁ ଏହି ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଅଛି । ଏହା ବ୍ୟତୀତ ରେଳ ମନ୍ତ୍ରଣାଳୟ ନିକଟ ଭବିଷ୍ୟତରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଏକ ସମୀକ୍ଷା ବୈଠକ କରି ରାଜ୍ୟରେ ଚାଲୁରହିଥିବା ପ୍ରତ୍ୟକ ରେଳ ପ୍ରକଳ୍ପର ଶୀଘ୍ର ସମାପ୍ତ ପାଇଁ ପଦକ୍ଷେପ ନିଆଯିବାକୁ ରେଳ ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏଗୁଡିକ ବ୍ୟତୀତ, ଅମୃତ ଷ୍ଟେସନ ଗୁଡିକର ପୁନର୍ବିକାଶ କାର୍ଯ୍ୟ ପାଇଁ ବିଶେଷ ଧ୍ୟାନ ଦିଆଯାଇ ନିର୍ମାଣ କାର୍ଯ୍ୟ ପାଇଁ ଖୁବ୍ ଶୀଘ୍ର ସମୀକ୍ଷା କରାଯିବାକୁ ଶ୍ରୀ ବୈଷ୍ଣବ କହିଛନ୍ତି । ପ୍ରଧାନମନ୍ତ୍ରୀ ଓଡିଶାକୁ ବିଶେଷ ଧ୍ୟାନ ଦେଉଛନ୍ତି ଏବଂ ରେଳବାଇ କ୍ଷେତ୍ରରେ ରାଜ୍ୟର ଭିତ୍ତିଭୂମି ବିକାଶ ପାଇଁ ଗତ ବଜେଟରେ ୧୦୫୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି ଯାହା ସର୍ବୋତ୍ତମ ବଜେଟ୍ ବ୍ୟବସ୍ଥା । ରେଳ ନେଟୱାର୍କରେ ଓଡିଶାର ସମସ୍ତ ଜିଲ୍ଲାକୁ ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯାଉଅଛି । ଗତ ୧୦ ବର୍ଷ ମଧରେ ଓଡ଼ିଶାରେ ୧୮୨୬ ଟ୍ରାକ୍ କିଲୋମିଟର ରେଳ ଲାଇନ ନିର୍ମାଣ କରାଯାଇଛି ଯାହା ଶ୍ରୀଲଙ୍କାର ମୋଟ ରେଳ ନେଟୱାର୍କଠାରୁ ଅଧିକ ଅଟେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଏହି ସମୀକ୍ଷା ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ମହେଶ କୁମାର ବେହେରା, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ, ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଏଚ୍ ଏସ ବାଜୱା ଏବଂ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅଧିକାରୀମାନେ ଯୋଗ ଦେଇଥିଲେ ।

## ମନୋଜ ଆହୁଜାଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର,୩୦।୬(ମହାଭାରତ): ଆଜି ଅପରାହ୍ଣରେ ଓଡ଼ିଶା ରାଜ୍ୟ ମୁଖ୍ୟ ଶାସନ ସଚିବ ଭାବେ ଯୋଗଦାନ କରିଛନ୍ତି ମନୋଜ ଆହୁଜା। ସେ



ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଆଜି ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଆଜି ଅବସର ଗ୍ରହଣ କରିଥିବା ମୁଖ୍ୟ ଶାସନ ସଚିବ ଶ୍ରୀ ଜେନାଙ୍କ ଠାରୁ ନୂତନ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ଲୋକସେବା ଭବନ ସ୍ଥିତ କାର୍ଯ୍ୟାଳୟରେ ଶ୍ରୀ ଜେନା ଓ ନୂତନ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କିଛି ସମୟ ପାରସ୍ପରିକ ସାକ୍ଷାତ ଆଲୋଚନା କରିଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନାଙ୍କୁ ଲୋକସେବା ଭବନସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିବା ବେଳେ ନୂତନ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଶ୍ରୀ ଆହୁଜା ପୁରୀ ଯାଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମୀକ୍ଷା କରିଛନ୍ତି।

## ୧୭ ଜିଲ୍ଲାରେ ନିଅଣ୍ଟିଆ ବର୍ଷା

ଭୁବନେଶ୍ୱର,୩୦।୬(ମହାଭାରତ): ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ରହିଥିବା ବେଳେ ୩ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବ। ପରେ ବର୍ଷାର ପରିମାଣ ବଢିବ ବୋଲି ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ସେପଟେ ନିଅଣ୍ଟିଆ ବର୍ଷା ଚିନ୍ତା ବଢ଼ାଇଛି। ଚଳିତମାସ ୧୭ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ମୟୂରଭଞ୍ଜ ସର୍ବାଧିକ ୬୭% ନିଅଂଟିଆ। ବର୍ଷା ରେକର୍ଡ ହୋଇଛି।



ରାଜ୍ୟରେ ସକ୍ରିୟ ରହିଛି ମୌସୁମୀ ବାୟୁ ସେପଟେ ସୃଷ୍ଟି ହୋଇଥିବା ଲଘୁଚାପ ଦୁର୍ବଳ ହୋଇ ଘୂର୍ଣ୍ଣିବଳୟରେ ପରିଣତ ହୋଇଛି। ଏହାସହ ଏକ ଟ୍ରଫ ଲାଇନ ରହିଛି। ଏହି ଦୁଇ ସିଷ୍ଟମ ଯୋଗୁଁ ଏବେ ରାଜ୍ୟରେ ବର୍ଷା ହେଉଛି। ୩ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବ। ପରେ ବର୍ଷାର ପରିମାଣ ବଢିବ ବୋଲି ଆକଳନ କରିଛି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ୨୪ ଘଂଟା ମଧରେ ଆଭ୍ୟନ୍ତର ଓ ପଶ୍ଚିମ ଓଡିଶାର କିଛି ଅଂଚଳରେ ମଧମରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ଦେବଗଡ଼, ବରଗଡ଼, ସୋନପୁର, ବଲାଙ୍ଗୀର, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ ଜିଲ୍ଲାରେ ହାଲୁକାରୁ ମଧମ ଧରଣର ବର୍ଷା ସମ୍ଭାବନା ରହିଛି। କାଁ ଭାଁ କେତୋଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

ଓଡିଶାରେ ମୌସୁମୀ ସଅଳ ଆସିଥିଲା। କିନ୍ତୁ ପାଗ ଅନୁକୂଳ ନହେବାରୁ ଏହା ବିଳମ୍ବରେ ସାରା ରାଜ୍ୟରେ ସକ୍ରିୟ ହୋଇଛି। ଯାହାର ପ୍ରଭାବ ଏବେ ପଡିଛି। ଜୁନ୍ ୧ରୁ ଜୁନ୍ ୩୦ ଯାଏଁ ନିଅଂଟିଆ ବର୍ଷା ରେକର୍ଡ ହୋଇଛି। ଜୁନରେ ଯେତିକି ବର୍ଷା ହେବାକଥା ତାଠାରୁ ୨୭ ପ୍ରତିଶତ କମ୍ ବର୍ଷା ହୋଇଛି। ୧୭ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରହିଥିବା ବେଳେ ମୟୁରଭଂଜରେ ସର୍ବାଧିକ ୬୭% ନିଅଂଟିଆ। ବର୍ଷା ରେକର୍ଡ ହୋଇଛି। ରାଜ୍ୟରେ ଏପର୍ଯ୍ୟନ୍ତ ୧୫୩.୬ ମିଲିମିଟର ବର୍ଷା ହୋଇଛି। ୧୨ଟି ଜିଲ୍ଲାରେ ଚଳିତମାସ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ କେବଳ ମାଲକାନଗିରିରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି। ଉତର ପଶ୍ଚିମ ବଂଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ନିଅଂଟିଆ। ବର୍ଷାର ଭରଣା କରିବା ନେଇ ଆଶା ରଖାଯାଇଥିଲେ ବି ସେତେଟା ପ୍ରଭାବୀ ହୋଇପାରି ନାହିଁ।

## ଦିଲ୍ଲୀ ବର୍ଷାରେ ୬ ମୃତ

ଭୁବନେଶ୍ୱର,୩୦।୬(ମହାଭାରତ): ଲଗାଣ ବର୍ଷାରେ ବେହାଲ ରାଜଧାନୀ ଦିଲ୍ଲୀୟ ଚାରିଆଡେ କେବଳ ପାଣି ଆଉ ପାଣି। ବିଭିନ୍ନ ସ୍ଥାନରେ ପାଣି ଜମି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବର୍ଷା ପାଣି ଏବେ ପାଲଟିଛି ମରଣଯନ୍ତା। ଲୋକଙ୍କ ନେଉଛି ଜୀବନ। ବର୍ଷା ପାଣିରେ ଭାସିଯାଇ ଅଲଗା ଅଲଗା ସ୍ଥାନରେ ୪ ଛୋଟ ପିଲାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି। ଦିଲ୍ଲୀର ଓଖଲା ଅଣ୍ଡରପାସରେ ପାଣି ଭର୍ତ୍ତି ହୋଇଯିବାରୁ ଏଥିରେ ବୁଡ଼ିଯାଇ ଜଣେ ୬୦ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେହିପରି ଶନିବାର ଅପରାହ୍ନ ଉତ୍ତର ଦିଲ୍ଲୀର ସମୟପୁର ବଦଳି ଅଞ୍ଚଳରେ ଦୁଇ ଜଣ ଛୋଟ ପିଲା ବର୍ଷା ପାଣିରେ ଭାସି ଯାଇ ମୃତ୍ୟୁ ବରଣ କରିଛନ୍ତି। ଏଠାରେ ଦୁଇରୁ ୩ ଫୁଟ୍ ଉଚ୍ଚର ପାଣି ଜମି ରହିଥିଲା। ଶୁକ୍ରବାର ମଧ ଦୁଇ ଜଣ ପିଲାଙ୍କ ମୃତ୍ୟୁ ହୋଇଛି। ଖେଳୁଥିବା ବେଳେ ଏମାନେ ପାଣିରେ ବୁଡ଼ି ଯାଇଥିଲେ। ପରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ସେହିପରି ଉତ୍ତର ପୂର୍ବ ଦିଲ୍ଲୀର ସାଲିମାର ବାଗ୍ ଅଞ୍ଚଳରେ ଜଣେ ୨୦ ବର୍ଷୀୟ ଯୁବକଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ଉକ୍ତ ୨୦ ବର୍ଷୀୟ ଯୁବକ ଜଣକ ଆଜାଦପୁର ଗୋଦାମରେ କାମ କରୁଥିଲେ। ଗତ କିଛି ଦିନ ହେବ ଗରମ ଓ ଗୁଳୁଗୁଳି ଓ ପାଣି ପାଇଁ ଛଟପଟ ହେଉଥିବା ଦିଲ୍ଲୀବାସୀଙ୍କୁ ଏଥିରୁ ଆଶ୍ୱସ୍ତି ମିଳିଛି ସତ ହେଲେ ମୌସୁମୀ ବର୍ଷା ଏଠାରେ ତାଣ୍ଡବ ରଚିଛି। ଦୀର୍ଘ ୮୮ ବର୍ଷର ରେକର୍ଡ ଭାଙ୍ଗିଛି ଜୁନ୍ ମାସର ବର୍ଷା।

# ବ୍ରେଡ କଷ୍ଟାଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଚାମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କରେଇ ବସାଇ ୧ ଲିଟର କ୍ଷୀର ଢାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଚାମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କରେଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।

## ଖବର

# ପ୍ରେକ୍ଷାଳୟରେ ମୁହାଁମୁହିଁ ହେବେ ବବି ଦେଓଲ - ସୂର୍ଯ୍ୟା ସିଙ୍ଘମ୍




ବର୍ତ୍ତମାନ ସମୟରେ ସାଉଥ୍ ଚଳଚ୍ଚିତ୍ର ପାଇଁ ପ୍ରଶଂସକ ଖୁବ୍ ଉତ୍କଣ୍ଠା ଦେଖାଯାଉଛି। ବଡ ବଜେଟ୍ ଠାରୁ ଆରମ୍ଭ କରି ଅଭିନେତା, ଅଭିନେତ୍ରୀ, ସେଟ୍ ପର୍ଯ୍ୟନ୍ତ ଅଧିକାଂଶ ସାଉଥ୍ ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥାଏ। ଏଭଳି ହିଁ ଏକ ଫିଲ୍ମ ଆଉ ଅଳ୍ପ ଦିନରେ ଆସିବାକୁ ଯାଉଛି। ଚଳଚ୍ଚିତ୍ର ହେଉଛି 'କଙ୍ଗୁଭା'। ଏଥିରେ 'ଆନିମଲ୍' ଚଳଚ୍ଚିତ୍ରରେ ନିଜ ଅଭିନୟର ଯାଦୁ ଦେଖାଇ ପ୍ରଶଂସକଙ୍କ ମନକୁ କିଣିଥିବା ଅଭିନେତା ବବି ଦେଓଲ ସୂର୍ଯ୍ୟା ସିଂଘମ୍ ଙ୍କ ସହ ଲଢ଼େଇ ଦେଖିବାକୁ ମିଳିବ। ପୂର୍ବରୁ ଫିଲ୍ମର ଅନେକ ଝଲକ୍ ଦର୍ଶକଙ୍କ ପାଇଁ ଆସିଥିବା ବେଳେ ଏବେ ସାମ୍ନାକୁ ଆସିଛି ରିଲିଜ୍ ତାରିଖ। 'କଙ୍ଗୁଭା' ରିଲିଜ୍ ତାରିଖକୁ ଅଭିନେତା ସୂର୍ଯ୍ୟା ଘୋଷଣା କରିବା ସହ ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ମୋର ପ୍ରିୟଜନ, କଙ୍ଗୁଭା ୧୦ ଅକ୍ଟୋବର ୨୦୨୪ରେ ଆସୁଛି। ରିଲିଜ୍ ତାରିଖ ସାମ୍ନାକୁ ଆସିବା ପରେ ପ୍ରଶଂସକ ମାନେ କମେଣ୍ଟ ଦେବା ଆରମ୍ଭ କରିଛନ୍ତି। ଏହିପରି, ସୂର୍ଯ୍ୟ ଏବଂ ଏହି ଚଳଚ୍ଚିତ୍ରକୁ ଉତ୍ସାହର ସହିତ ଅପେକ୍ଷା କରିଥିବା ପ୍ରଶଂସକଙ୍କ ଅପେକ୍ଷା ବର୍ତ୍ତମାନ ଶେଷ ହେବ। ଷ୍ଟୁଡିଓ ଗ୍ରୀନ୍ ଏବଂ ସୂର୍ଯ୍ୟା ଶିବକୁମାରଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର କାଙ୍ଗୁଭାରେ ସୂର୍ଯ୍ୟାଙ୍କୁ ଜଣେ ଶକ୍ତିଶାଳୀ ଯୋଦ୍ଧା ଏବଂ ବବି ଦେଓଲ ଜଣେ ଭିଲେନ୍ ଭାବରେ ନଜର ଆସିବେ। ଏହାର ବଜେଟ୍ ୩୫୦ କୋଟିରୁ ଅଧିକ ଅଟେ। କଙ୍ଗୁଭା ଦୁଇଟି ଭିନ୍ନ ସମୟର କାହାଣୀ ଉପସ୍ଥାପନ କରିବ। ଗୋଟିଏ ପୂର୍ବ- ଐତିହାସିକ ଯୁଗ ଏବଂ ଆଜିର ଦିନ। ନିର୍ମାତାମାନେ ନିଶ୍ଚିତ କରିଛନ୍ତି ଯେ ସେମାନେ ଉଭୟ ସମୟସୀମାକୁ ଦର୍ଶକଙ୍କ ନିକଟରେ ଏକ ଉତ୍ତମ ଉପାୟରେ ଉପସ୍ଥାପନ କରିବେ। ଏହି ଚଳଚ୍ଚିତ୍ରରେ ଭେଟ୍ରି ପାଲାନିସାମିଙ୍କ ସିନେମାଟୋଗ୍ରାଫି ଏବଂ ରକଷ୍ଟାର ଦେବୀ ଶ୍ରୀ ପ୍ରସାଦଙ୍କ ସଙ୍ଗୀତ ରହିଛି।

# ଶ୍ରୀରାମଙ୍କ ଶରଣ

ହନୁମାନ ସମୁଦ୍ର ଲଙ୍ଘନ କରି ମାତା ସୀତାଙ୍କୁ ଖୋଜିବା ଲାଗି ଲଙ୍କାରେ ପହଞ୍ଚିଲେ । ସେ ପ୍ରଥମେ ରାବଣର ସାନ ଭାଇ ବିଭୀଷଣ ନିକଟରେ ପହଞ୍ଚିଲେ । ବିଭୀଷଣ ହନୁମାନଙ୍କୁ ଏକ ଛୋଟ ପ୍ରଶ୍ନ ପଚାରିଲା- ପ୍ରିୟ ହନୁମାନ ! ମୋତେ କୁହ ଯେ ପ୍ରଭୁ ଶ୍ରୀରାମ କ'ଣ ମୋ ଉପରେ କୃପା ଦୃଷ୍ଟି ପକାଇବେ ? ରାବଣ ମୋ ଭାଇ । ଏହା ଜାଣିସୁଦ୍ଧା ସେ କ'ଣ ମୋତେ ଏ ସଂସାରରୁ ମୁକ୍ତି ଦେବେ ? ଏହାଶୁଣି ହନୁମାନ କହିଲେ, ବିଭୀଷଣ ମହୋଦୟ ! ଆପଣ କାହିଁ ଅଯଥା ସନ୍ଦେହରେ ପଡୁଛନ୍ତି ? ମୋ ଭଳି ବାନର କୁଳରେ ଜନ୍ମିତ ଜଣେ ତୁଚ୍ଛ ବାନରକୁ ପ୍ରଭୁ ଶ୍ରୀରାମ ଶରଣ ଦେଇଛନ୍ତି । ସେ ମୋତେ ତାଙ୍କ ଦାସ ଭାବେ ସ୍ୱୀକାର କରିଛନ୍ତି, ଆପଣଙ୍କୁ କାହିଁକି କରିବେ ନାହିଁ ? ଆପଣ ତ' ଜଣେ ମନୁଷ୍ୟ । ଆପଣଙ୍କୁ ସେ ନିଶ୍ଚେ ସହାୟତା କରିବେ । ଏହା କହି ହନୁମାନ ନିଜ ଭକ୍ତି ମାଧ୍ୟମରେ



ବିଭୀଷଣଙ୍କ ହୃଦୟରେ ଶ୍ରୀରାମଙ୍କ ପ୍ରତି ଅତୁଟ ବିଶ୍ୱାସ ଜନ୍ମାଇ ପାରିଥିଲେ । ଏହି କାରଣରୁ ବିଭୀଷଣ ନିଜକୁ ପ୍ରଭୁ ଶ୍ରୀରାମଙ୍କ ଠାରେ ସମ୍ପୂର୍ଣ୍ଣ ରୂପରେ ସମର୍ପି ଦେଇଥିଲେ ।

# ଗୃହତ୍ୟାଗର ଉଦ୍ଦେଶ୍ୟ

ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯୁବାବସ୍ଥାରେ ବଦ୍ରୀନାଥ-କେଦାରନାଥ ପାର୍ବତୀୟ କ୍ଷେତ୍ର ଭ୍ରମଣ କରିଥିଲେ । ଏହି ଯାତ୍ରା ସମୟରେ ଦିନେ ସେ ଟିହରି ନାମକ ସ୍ଥାନରେ ପହଞ୍ଚିଲେ । ତାଙ୍କ ତେଜସ୍ୱୀ ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବିଦ୍ୱାନ ତାଙ୍କୁ ନିଜ ଘରକୁ ଭୋଜନ ନିମନ୍ତେ ଆମନ୍ତ୍ରଣ ଜଣାଇଲେ । ସ୍ୱାମୀଜୀ ଉକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚିବା ପରେ ଦେଖିଲେ ଯେ ସେହି ଘରେ ଜଣେ ଲୋକ ମାଂସ କାଟୁଛି । ଏହା ଦେଖି ସ୍ୱାମୀଜୀ ତୁରନ୍ତ ଫେରିବାକୁ ବାହାରିଲେ । ଗୃହସ୍ୱାମୀ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେ କହିଲେ, ମୁଁ ମାଂସାହାରୀଙ୍କ



ଘରେ ଭୋଜନ କରି ପାରିବି ନାହିଁ । ଏହା କହି ସେ ଫେରିଆସିଲେ । ଗୁପ୍ତକାଶୀରେ ସ୍ୱାମୀଜୀ ଓଖୋ ମଠରେ ରହିଥିଲେ । ମଠର ମହନ୍ତ ତାଙ୍କ ସହ କଥାବାର୍ତ୍ତା ହେବା ସମୟରେ ଜାଣିପାରିଲେ ଏହି ଯୁବକ ଅତ୍ୟନ୍ତ ବିଦ୍ୱାନ । ସ୍ୱାମୀଜୀଙ୍କୁ ଦିନେ ମହନ୍ତ କହିଲେ, ତୁମେ ମୋ ଶିଷ୍ୟତ୍ୱ ଗ୍ରହଣ କରିନିଅ । ମଠର ବହୁ ସମ୍ପତ୍ତି ରହିଛି । ଭବିଷ୍ୟତରେ ତୁମେ ଏହି ସବୁ ସମ୍ପତ୍ତିର ମାଲିକ ହୋଇଯିବ । ମାତ୍ର ସ୍ୱାମୀଜୀ କହିଲେ, ଯଦି ମୋ ମନରେ ମଠ ସମ୍ପତ୍ତିର ମାଲିକ ହେବାର ଲୋଭ ଥାଆନ୍ତା, ତାହେଲେ ମୁଁ ମାତା-ପିତା, ବନ୍ଧୁ-ବାନ୍ଧବ, ଘରପରିବାର କାହିଁକି ଛାଡ଼ି ଚାଲିଆସିଥାଆନ୍ତି । ମହନ୍ତ ପଚାରିଲେ, ତାହେଲେ ତୁମେ କ'ଣ ପ୍ରାପ୍ତ କରିବା ଲାଗି ଘର ଛାଡ଼ିଛ । ସ୍ୱାମୀଜୀ ଏହାର ଉତ୍ତରରେ କହିଲେ ସତ୍ୟ, ବିଦ୍ୟା, ଯୋଗ, ଆତ୍ମା ଆଦିର ରହସ୍ୟ ଜାଣିବା ଲାଗି ମୁଁ ଗୃହତ୍ୟାଗ କରିଛି । ପରଦିନ ସ୍ୱାମୀଜୀ ସେହି ମଠ ଛାଡ଼ି ଯୋଶୀମଠ ଅଭିମୁଖେ ଯାତ୍ରାରମ୍ଭ କଲେ । ଏହି ଯାତ୍ରା ସମୟରେ ସେ ଅନେକ ଠକ ତାନ୍ତ୍ରିକ ଓ ଦେବପୂଜା ନାମରେ ପଶୁବଳି ଦେଉଥିବା ଲୋକଙ୍କର ଘୋର ବିରୋଧ କରିଥିଲେ

# ଈଶ୍ୱରଙ୍କ ପ୍ରକୃତ ଉପାସନା



କୌଣସି ଦେବାଦେବୀଙ୍କୁ ପ୍ରସନ୍ନ କରିବା ଲାଗି ମୂଲ୍ୟବାନ ଧନରତ୍ନ ଦାନ କରିବାର ଆବଶ୍ୟକତା ନାହିଁ କିମ୍ବା ଅନେକ ଟଙ୍କା ଖର୍ଚ୍ଚ କରି ପୂଜାର୍ଚ୍ଚନା ମଧ୍ୟ କରିବା ଦରକାର ନାହିଁ । କେବଳ ସେହି ଦେବତାଙ୍କୁ ଖୁବ୍ ସରଳ ଭାବେ ନିଜ ହୃଦୟରେ ସ୍ମରଣ କରିବା ଆବଶ୍ୟକ । ଆମେ କୌଣସି ମାତୃଶକ୍ତିଙ୍କୁ ପ୍ରସନ୍ନ କରିବା ପୂର୍ବରୁ ପ୍ରଥମେ ନିଜ ଜନ୍ମଦାତ୍ରୀ ମାତାଙ୍କୁ ପ୍ରସନ୍ନ କରିବା ଆବଶ୍ୟକ । ମା'ର ସ୍ଥାନ ବହୁ ଉପରେ । ଧର୍ମଗ୍ରନ୍ଥରେ କୁହାଯାଇଛି ଯେ ଜନ୍ମଭୂମି ଏବଂ ଜନ୍ମ ମାଟି ସ୍ୱର୍ଗଠାରୁ ମଧ୍ୟ ଶ୍ରେଷ୍ଠ । ନିକିତିର ଗୋଟିଏ ପାର୍ଶ୍ୱରେ ସ୍ୱର୍ଗ ସୁଖ ଏବଂ ଅନ୍ୟ ପାର୍ଶ୍ୱରେ ମା'ର ମମତାକୁ ତଉଲିଲେ, ମମତା ଥିବା ପାର୍ଶ୍ୱଟି ଅଧିକ ଭାରୀ ହେବ । ଛୋଟ ଛୋଟ କଥାରେ ମା'କୁ ଅପମାନିତ କରି ହଜାର ଥର ଦେବୀ ଧାମ ଗଲେ ବି କିଛି ଫଳ ମିଳିବ ନାହିଁ । ଆତ୍ମୀୟସ୍ୱଜନଙ୍କ ଅଧିକାର ଛଡ଼ାଇ ନେବା, ଅନ୍ୟାୟପୂର୍ବକ ଅନ୍ୟର ଭାଗ ହାତେଇନେବା ପରେ ଯଜ୍ଞ-ହୋମ କରିବାରେ କୌଣସି ଲାଭ ନାହିଁ । ଏପରି କରୁଥିବା ଲୋକ ଯଜ୍ଞ-ହୋମ, ପୂଜାପାଠ କଲେ, ତା'ର ଓଲଟା ଫଳ ପାଇପାରେ । ଏପରି ଲୋକ ଯାହାର ଅଧିକାର ଛଡ଼ାଇ ନେଇଥିବ ପୂଣ୍ୟ ଫଳ ତା'କୁ ହିଁ ମିଳିଯିବ ।

ଅନେକ ଲୋକ କହିଥାନ୍ତି, ବହୁତ ତୀର୍ଥଯାତ୍ରା କଲି, ଯଜ୍ଞ-ଅନୁଷ୍ଠାନ କଲି, କିନ୍ତୁ କିଛି ଲାଭ ମିଳିଲା ନାହିଁ । ଆରେ ! ଫଳ ତ' ମିଳିସାରିଛି । ହେଲେ ତୁମକୁ ନୁହେଁ, ଯାହା ପ୍ରତି ତୁମେ ଅନ୍ୟାୟ କରିଛ, ତା'କୁ ! ଅନ୍ୟ କୌଣସି ସମ୍ବଳ ଦ୍ୱାରା ଭଗବାନଙ୍କୁ ପ୍ରଭାବିତ କରିହେବ ନାହିଁ । କାରଣ ସେ ସବୁକିଛି ଜାଣନ୍ତି । ତୁମେ ତାଙ୍କୁ ପ୍ରଲୋଭିତ କରିପାରିବ କି ? ଈଶ୍ୱରଙ୍କୁ ପାଇବାକୁ ହେଲେ କେବଳ ଉତ୍ତମ ଆଚରଣ କରିବାକୁ ପଡ଼ିବ, ପ୍ରଲୋଭନ ନୁହେଁ । ଗୋଟିଏ ଲୋଟା ଜଳ ହେଲେ ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିହେବ । କୁଟିଳତାର ପରିଚୟ ଦେଉଥିବା ଲୋକଟି ଯଦି ଚାହେଁ ଯେ ସମସ୍ତେ ତା'କୁ ଭଲ ପାଆନ୍ତୁ ବୋଲି, ତାହା କିପରି ସମ୍ଭବ ହେବ ?

ଯଜ୍ଞ-ଅନୁଷ୍ଠାନ ଏବଂ ଦାନ କରିବା ତ' ଠିକ୍ ଅଛି । ତେବେ ମନ୍ଦ ଉଦ୍ଦେଶ୍ୟ ନେଇ ଏସବୁ କରିବା ଅନୁଚିତ୍ । ପ୍ରେମ, ସହଯୋଗ, ସଦ୍ଭାବ, କରୁଣା ଆଦି ବାଣ୍ଟିଲେ, ପରିବାର ଏବଂ ସମାଜରେ ଅଧିକ ଖୁସି ମିଳିପାରିବ । ସମାଜରେ ବ୍ୟକ୍ତିର ସମ୍ମାନ ବୃଦ୍ଧି ପାଇବ । ଉତ୍ତମ ସଂସ୍କାର ପ୍ରତି ସମର୍ପଣ ଭାବ ନେଇ ପୂଜା-ପାଠ କରିବା ଉଚିତ୍ । ଚାକିରି, ଜମି-ବାଡ଼ି, ଝଗଡ଼ା, ମୋକଦ୍ଦମା ଆଦିରେ ବିଜୟ ହାସଲ କରିବା ଲାଗି ପୂଜାର୍ଚ୍ଚନା କରିବାରୁ କ'ଣ ଲାଭ ମିଳିବ ? କେବଳ ସ୍ୱାର୍ଥ ହାସଲ ପାଇଁ ଏସବୁ କରିବା କ'ଣ ଉଚିତ୍ ? ମନ୍ଦିର ଯାଉଥିବା ସମୟରେ ଆହତ ବ୍ୟକ୍ତି ଦେଖିଲେ ଛାଡ଼ି ଦେଇ ଦିଅଁ ଦର୍ଶନ ପାଇଁ ଯିବା ହୃଦୟହୀନତା । ଅତଏବ୍ ନିଜ କାର୍ଯ୍ୟ, ଚିନ୍ତାଧାରା, ଚାଲିଚଳନକୁ ସତ୍‌ମାର୍ଗରେ ପରିଚାଳିତ କଲେ ଭଗବାନଙ୍କ କୃପା ଲାଭ ହୋଇଥାଏ । ସେଥିପାଇଁ ଧର୍ମାତ୍ମା ହେବାର ଆତ୍ମପ୍ରଚାର, ଆଡ଼ମ୍ବର ଆଦି ନକାରାତ୍ମକ ମାନସିକତାର ପରିଚାୟକ ବୋଲି ବିଦ୍ୱାନମାନେ କହିଛନ୍ତି ।

# ସୁନ୍ଦର ତ୍ୱଚାର ରହସ୍ୟ ଡାଳିମ୍ବ ଚୋପା, ବାଦାମ

ଫଳ ଖାଇବା ତ୍ୱଚା ପାଇଁ ଖୁବ ହିତକାରକ ବୋଲି ଶୁଣିଥିବେ। ବିଭିନ୍ନ ଫଳ ମଧ୍ୟରୁ ଡ଼ାଳିମ୍ବ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏହାକୁ ଖାଇବା ପରେ ଆମେ ସାଧାରଣତଃ ଏହାର ଚୋପାକୁ ପକାଇ



ଦେଇଥାଉ। ମାତ୍ର ଏହି ଚୋପା ତ୍ୱଚାର ସୁନ୍ଦରତାକୁ ଯେ ଦ୍ୱିଗୁଣିତ କରି ଦିଏ, ତାହା ହୁଏତ ଆପଣ ଜାଣି ନଥିବେ। ଜାଣନ୍ତୁ ଏହା ବିଷୟରେ...

ଡ଼ାଳିମ୍ବ ଚୋପାର ମାସ୍କ ଲଗାଇବା ଦ୍ୱାରା ମୁହଁର ବ୍ରଣ ସମସ୍ୟା ମଧ୍ୟ ଦୂର ହୋଇଥାଏ। ମୁହଁକୁ ସୁନ୍ଦର ଓ ଉଜ୍ଜ୍ୱଳ କରିଥାଏ।

ଡ଼ାଳିମ୍ବର ଚୋପାରେ ବହୁ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ଭରପୁର ମାତ୍ରାରେ ରହିଛି। ଏହାର ଚୋପାର ଫେସ ପ୍ୟାକ୍ ଲଗାଇବା ଦ୍ୱାରା ତ୍ୱଚାକୁ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିପାରିବା। ଏହି ଫେସ ପ୍ୟାକ ପ୍ରସ୍ତୁତ କରିବା ପାଇଁ ଡ଼ାଳିମ୍ବର ଚୋପାକୁ ଶୁଖାଇ ଏହାର ଗୁଣ୍ଡ ପ୍ରସ୍ତୁତ କରନ୍ତୁ। ଏହି ଗୁଣ୍ଡରେ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ।

ତ୍ୱଚାରେ ଥିବା ବିଭିନ୍ନ ଦାଗକୁ ଦୂର କରିବା ପାଇଁ ଡାଳିମ୍ବର ମଞ୍ଜିକୁ ଭଲ ଭାବେ ପେଷି ଦିଅନ୍ତୁ। ପେଷିବା ପରେ ଏଥିରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ଶୁଖିବା ଯାଏଁ ଛାଡ଼ି ଦିଅନ୍ତୁ। ଶୁଖିବା ପରେ ମୁହଁକୁ ଧୋଇ ଦିଅନ୍ତୁ।

ତିନୋଟି ବାଦାମ କ୍ଷୀରରେ ପକାଇ ଭିଜେଇ ଦିଅନ୍ତୁ। ବାଦାମ ଫୁଲି ଗଲା ପରେ ତାକୁ ଭଲ ଭାବରେ ପେଶି ରାତିରେ ଶୋଇବା ପୂର୍ବରୁ ମୁହଁରେ ଲଗାନ୍ତୁ। ସକାଳେ ଉଠି ମୁହଁ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ତ୍ୱଚାର ଚମକ ବଜାୟ ରହିଥାଏ।

# ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୩୦।୬ (ମହାଭାରତ):** ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସଂପଦ ବିଭାଗ ଅନୁଗର୍ଗଙ୍କ ଅଧକ୍ଷତାରେ ଜଳଶକ୍ତି ଅଭିଯାନ-୨୦୨୪କ୍ୟାଚ-ଦି-ରେନ୍ ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅପରାହ୍ଣରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଜଳସଂରକ୍ଷଣ କ୍ଷେତ୍ରରେ ମହିଳା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗ ଦାନକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଜଳଶକ୍ତି ଅଭିଯାନର ଥିମ୍ ରହିଛି' ନାରୀଶକ୍ତି ସେ ଜଳଶକ୍ତି'। ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି.ମାଥିଭାଥାନନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭା ଗପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ଃ. ଅରବିନ୍ଦ କୁମାର ପାଢ଼ୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥୀ.ଏସ୍, ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିବାବେଳେ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଅନ୍ୟ ସମସ୍ତ ମହାନଗର ନିଗମର କମିଶନର ମାନେ ଉପସ୍ଥିତ ଥିଲେ।

ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଛି ଯନଦୀ, ନାଳ ଓ ସମୁଦ୍ରକୁ ଭୂପୃଷ୍ଠରୁ ବର୍ଷା ଜଳ ବୋହିଯିବା ପୂର୍ବରୁ ଜଳର ବିବିଧ ଆବଶ୍ୟକତା ପୂରଣ ପାଇଁ ଭୂତଳ ଜଳ ଭରଣ ଏବଂ ବିଭିନ୍ନ ଉପାୟରେ ଜଳସଂରକ୍ଷଣ ବ୍ୟବସ୍ଥାରେ ସଞ୍ଚୟ କରିବାକୁ ଜଳଶକ୍ତି ଅଭିଯାନ ଜାରି ରହିଛି। ୨୦୧୯ ମସିହାରୁ ଏହି ଅଭିଯାନ ସମସ୍ତ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଜଳଶକ୍ତି ଅଭିଯାନ-୫ମ ପର୍ଯ୍ୟାୟ ଗତ ୯ ମାର୍ଚ୍ଚ ୨୦୨୪ରୁ ଆରମ୍ଭ ହୋଇ ଆଗାମୀ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଜଳ ଶକ୍ତି ଅଭିଯାନ-୨୦୨୪ ପରିପ୍ରେକ୍ଷୀରେ ଗତକାଲି ଭାରତ ସରକାରଙ୍କର କ୍ୟାବିନେଟ ସଚିବ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ ମାନଙ୍କ ସହିତ ବୈଠକରେ ଆଲୋଚନା କରି ଜଳ ସଂରକ୍ଷଣ ସଂପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଓଡ଼ିଶାରେ ଜଳଶକ୍ତି ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ କିପରି ଚାଲିଛି ଓ ଚଳିତ ବର୍ଷାଋତୁ ତଥା ଆଗାମୀ ଦିନରେ କିପରି ପଦକ୍ଷେପ ରହିବ, ସେଥି ନିମନ୍ତେ ବିଭିନ୍ନ ବିଭାଗ ତରଫରୁ କାର୍ଯ୍ୟଯୋଜନା ପ୍ରସ୍ତୁତ ସଂପର୍କରେ ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା। ଜଳ ସମ୍ପଦ ବିଭାଗ ସମେତ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ , କ୍ରୀଡା ଓ ଯୁବସେବା , ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନବିଭାଗ, ପୂର୍ତ୍ତବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ ବିକାଶ , ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଚଳିତ ବର୍ଷ କିପରି ଜଳ ସଂରକ୍ଷଣ କାର୍ଯ୍ୟକ୍ରମ କରାଯିବା ପାଇଁ କାର୍ଯ୍ୟ ଯୋଜନା ରହିଛି, ସେ ସଂପର୍କରେ ଉପସ୍ଥାପନା କରାଯାଇଥିଲା ।

ଜିଲ୍ଲାପାଳ ମାନେ ଜିଲ୍ଲାରେ ଥିବା ଜଳାଶୟ ଗୁଡିକରୁ ଜବରଦଖଲ ହଟାଇବା, ପଞ୍ଚାୟତଘର, ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, କମ୍ୟୁନିଟିସେଣ୍ଟର ଓ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନ ଗୁଡିକରେ ଜଳ ପରିଚାଳନା କାର୍ଯ୍ୟ କରାଯିବା, କ୍ଷୁଦ୍ରନଦୀ ଓ ନାଳଗୁଡିକର ପୁନରୁଦ୍ଧାର, ଜଳଭଣ୍ଡାର ଓ ନଦୀ ଅବବାହିକା ଅଞ୍ଚଳରେ ଜଳପରିଚାଳନା ବ୍ୟବସ୍ଥା , ବନୀକରଣ, ଜଳଛାୟା ଉନ୍ନୟନ ପ୍ରକଳ୍ପ ଜରିଆରେ ଜଳସଂରକ୍ଷଣ, ସରକାରୀ କୋଠା ଗୁଡିକରେ ବର୍ଷାଜଳ ଅମଳ ବ୍ୟବସ୍ଥା , ବର୍ଷାଜଳ ସଂରକ୍ଷଣ ନିମନ୍ତେ ପଞ୍ଚାୟତ ଜନପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସମସ୍ତ ସହଯୋଗୀ ଅନୁଷ୍ଠାନର ସହଯୋଗ ନେବାକୁ ପରାମର୍ଶ ଦିଆଯାଇଛି।

# କିସ୍‌ର ସୁରକ୍ଷା ପାଇଁ ବାହାରିଲେ ଜନଜାତି



**ଭୁବନେଶ୍ୱର,୩୦।୬ (ମହାଭାରତ):** କିସ୍‌କୁ ଲଗାତାର ବଦନାମ କରାଯାଉଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଏବେ ଭୟଭୀତ। ଗ୍ରୀଷ୍ମ ଛୁଟି ପରେ ସ୍କୁଲ୍ ଖୋଲିବା ପୂର୍ବରୁ କିସ୍‌ର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଛି। ଏଥିପାଇଁ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ୫ଶହ ପ୍ରତିନିଧି ଓ ଜନଜାତି ନେତା ଆଜି କିସ୍‌ରେ ପହଞ୍ଚି କିସ୍‌ର ସୁରକ୍ଷା ନେଇ ବ୍ୟାପକ ଆଲୋଚନା କରିଥିଲେ। କୌଣସି କାରଣ ନଥାଇ କିସ୍ ଉପରେ ନିୟମିତ ଆକ୍ରମଣ କରାଯାଉଥିବାରୁ ସେମାନେ ମର୍ମାହତ ହୋଇଛନ୍ତି। କିସ୍ ହେଉଛି ଜନଜାତିଙ୍କ ଜୀବନ ରେଖା ଏବଂ କିସ୍ ପରିଚାଳନାରେ କିଟ୍ ଅନୁଷ୍ଠାନର ପ୍ରମୁଖ ଭୂମିକା ରହିଛି ବୋଲି ସେମାନେ କହିଛନ୍ତି। ଆଲୋଚନା ସମୟରେ ଆଗାମୀ ୧୫ ଦିନ ସ୍ଥିତି ସମୀକ୍ଷା କରିବା ପରେ ସ୍ଥିତିରେ ସୁଧାର ନଆସିଲେ ଏହାକୁ ପ୍ରତିହତ ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ସେମାନେ ପ୍ରକାଶ କରିଥିଲେ। କିସ୍ ସମଗ୍ର ଜନଜାତି ସମାଜ ପାଇଁ ଏକ ସମ୍ମାନର ପ୍ରଶ୍ନ ବୋଲି ସେମାନେ ମତ ଦେଇଛନ୍ତି।

# ହୃଦ ରୋଗ ସମସ୍ୟାର ନିରାକରଣ ନିମନ୍ତେ ଆଲୋଚନାଚକ୍ର

**ଭୁବନେଶ୍ୱର,୩୦।୬ (ମହାଭାରତ):** ସନସାଇନ ହସ୍ପିଟାଲ ଲକ୍ଷ୍ମୀସାଗର ଭୁବନେଶ୍ୱର ପକ୍ଷରୁ ହୋଟେଲ ନୟନ ପ୍ଲାଜା ଖୋର୍ଦ୍ଧା ଠାରେ ହୃଦ ରୋଗ ସମ୍ବନ୍ଧିୟ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କ ରେ ଏକ



ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସନସାଇନ ହସ୍ପିଟାଲ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ଆଲୋକ ଲୋଧ ଏହି ଆଲୋଚନା ଚକ୍ର ର ଆଭିମୁଖ୍ୟ ସମ୍ପର୍କ ରେ ସମ୍ୟକ ସୂଚନା ଦେଇଥିବା ବେଳେ ସନସାଇନ ହସ୍ପିଟାଲ ର ହୃଦରୋଗ ବିଶେଷଜ୍ଞ ଡାକ୍ତର ରିତେଶ ଆଚାର୍ଯ୍ୟ ଏବଂ ହୃଦ ବକ୍ଷ ଶଲ୍ୟ ବିଶେଜ୍ଞ ଡାକ୍ତର ଶ୍ରେତୋଙ୍କ ଦାସ ହୃଦ ରୋଗ ର କାରଣ ଓ ଏହାର ନିରାକରଣ ସମ୍ପର୍କ ରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ହୃଦରୋଗ ବିଶେଷଜ୍ଞ ଡାକ୍ତର ରିତେଶ ଆଚାର୍ଯ୍ୟ ସନସାଇନ ହସ୍ପିଟାଲ ର ବିଶେଷତ୍ୱ ତଥା ଅତ୍ୟାଧୁନିକ ଚିକିତ୍ସା ସାଙ୍ଗ କୁ ୨୪ ଘଣ୍ଟିଆ। ଚିକିତ୍ସା ସୁବିଧା ତଥା ସ୍ୱତନ୍ତ୍ର ହୃଦ ବିଭାଗ କକ୍ଷ, ଆଇସିୟୁ, ଉନ୍ନତ ମଡ୍ୟୁଲାର କ୍ୟାଥ ଲାବ,ଇକୋ, ଟି.ଏମ.ଟି. ମେସିନ ପ୍ରଭୃତି ବହୁ ପ୍ରଶିକ୍ଷିତ ହୃଦ ବକ୍ଷ ଶଲ୍ୟ ଚିକିତ୍ସକ ଡାକ୍ତର ଶ୍ରେତୋଙ୍କ ଦାସ ହୃଦ ନିଶ୍ଚେତକ ବିଶେଷଜ୍ଞ ଏବଂ ସମ୍ପୂର୍ଣ୍ଣ ପ୍ରଶିକ୍ଷିତ ଟେକ୍ନିସିଆନ ଓ ଟ୍ରେନିଂ ପ୍ରାପ୍ତ ନର୍ସ ଓ ଷ୍ଟାଫ ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଯଦ୍ୱାରା ଯେ କୌଣସି ସମୟରେ ସନସାଇନ ହସ୍ପିଟାଲ କୁ ଆସୁଥିବା ହୃଦରୋଗ ସମସ୍ୟା ସମ୍ପର୍କିତ ରୋଗୀ ମାନଙ୍କୁ ଅବିଳମ୍ବେ ଚିକିତ୍ସା ପ୍ରଦାନ କରାଯାଇଥାଏ। ଆଗରୁ ଏହି ସବୁ ଆଧୁନିକ ଚିକିତ୍ସା ସେବା ଆମ ରାଜ୍ୟରେ ନଥିବାରୁ ରୋଗୀ ମାନେ ମାସ ମାସ ଧରି ଚିକିତ୍ସା ପାଇଁ ଅପେକ୍ଷା କରୁଥିଲେ । ଏବେ ସବୁ ଉନ୍ନତ ମାନର ଚିକିତ୍ସା ସେବା ସନସାଇନ ହସ୍ପିଟାଲ ରେ ଉପଲବ୍ଧ ଅଛି। ଏପରିକି ବି.ଏସ. କେ.ୱାଇ, ବି. ପି.ଏଲ. ଏବଂ ରେସନ କାର୍ଡ ହିତାଧିକାରୀ ମାନଙ୍କୁ ସମ୍ପୂର୍ଣ୍ଣ ମାଗଣା ରେ ସନସାଇନ ହସ୍ପିଟାଲ ରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି।

# ପୂର୍ବତଟ ରେଳପଥ ମଧ୍ୟରେ ଚାଲୁରହିଥିବା ପ୍ରକଳ୍ପର ସମୀକ୍ଷା



**ଭୁବନେଶ୍ୱର,୩୦।୬ (ମହାଭାରତ):** ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଚାଲୁରହିଥିବା ରେଳ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ବନ୍ଧରେ ଆଜି ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳ ସଦନ ଠାରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିସ୍ତୃତ ସମୀକ୍ଷା କରିଛନ୍ତି । ଏହି ଅବସରେ ଭିତ୍ତିଭୂମି ବିକାଶ ଏବଂ ନିର୍ମାଣ କାର୍ଯ୍ୟ ସମୟରେ ଉପୁଜୁଥିବା କେତେକ ପ୍ରମୁଖ ପ୍ରତିବନ୍ଧକର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଚାଲିରହିଥିବା ରେଳ ପ୍ରକଳ୍ପଗୁଡିକରେ ସମସ୍ୟା କ୍ଷେତ୍ରଗୁଡିକ ଯଥା ଜମି ଅଧିଗ୍ରହଣ, ଜଙ୍ଗଲ ସମସ୍ୟା ଏବଂ ଆଇନ ଏବଂ ଶୃଙ୍ଖଳା ଇତ୍ୟାଦିର ସମାଧାନ ଉପରେ ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଥିଲେ। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନର ଶୀଘ୍ର ସମାପ୍ତି ପାଇଁ ଟନେଲ୍ ଗୁଡିକର ନିର୍ମାଣ କାର୍ଯ୍ୟ ଉଭୟ ପାର୍ଶ୍ୱରୁ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ପ୍ରାୟ ସାତ କିଲୋମିଟର ଲମ୍ବର ପ୍ରମୁଖ ଟନେଲ ସହିତ ମାର୍ଗରେ ଜାତୀୟ ରାଜପଥକୁ ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯିବ, ଯାହାଫଳରେ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପାଦନ କରାଯିବ। ଏହା ବ୍ୟତୀତ ତାଳଚେର-ବିମଳାଗଡ଼ ନୂଆ ରେଳ ଲାଇନରେ ନିର୍ମାଣ କାର୍ଯ୍ୟକୁ ଉଭୟ ପାର୍ଶ୍ୱରୁ, ଯଥା ତାଳଚେର ପାର୍ଶ୍ୱ ଏବଂ ବିମଳାଗଡ଼ ପାର୍ଶ୍ୱରୁ ସମ୍ପାଦନ କରାଯିବାକୁ ଏହି ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଅଛି ।ଏହା ବ୍ୟତୀତ ରେଳ ମନ୍ତ୍ରଣାଳୟ ନିକଟ ଭବିଷ୍ୟତରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଏକ ସମୀକ୍ଷା ବୈଠକ କରି ରାଜ୍ୟରେ ଚାଲୁରହିଥିବା ପ୍ରତ୍ୟକ ରେଳ ପ୍ରକଳ୍ପର ଶୀଘ୍ର ସମାପ୍ତ ପାଇଁ ପଦକ୍ଷେପ ନିଆଯିବାକୁ ରେଳ ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଗୁଡିକ ବ୍ୟତୀତ, ଅମୃତ ଷ୍ଟେସନ ଗୁଡିକର ପୁନର୍ବିକାଶ କାର୍ଯ୍ୟ ପାଇଁ ବିଶେଷ ଧ୍ୟାନ ଦିଆଯାଇ ନିର୍ମାଣ କାର୍ଯ୍ୟ ପାଇଁ ଖୁବ୍ ଶୀଘ୍ର ସମୀକ୍ଷା କରାଯିବାକୁ ଶ୍ରୀ ବୈଷ୍ଣବ କହିଛନ୍ତି। ପ୍ରଧାନମନ୍ତ୍ରୀ ଓଡିଶାକୁ ବିଶେଷ ଧ୍ୟାନ ଦେଉଛନ୍ତି ଏବଂ ରେଳବାଇ କ୍ଷେତ୍ରରେ ରାଜ୍ୟର ଭିତ୍ତିଭୂମି ବିକାଶ ପାଇଁ ଗତ ବଜେଟରେ ୧୦୫୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି ଯାହା ସର୍ବୋତ୍ତମ ବଜେଟ୍ ବ୍ୟବସ୍ଥା । ରେଳ ନେଟୱର୍କରେ ଓଡିଶାର ସମସ୍ତ ଜିଲ୍ଲାକୁ ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯାଉଅଛି । ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୧୮୨୬ ଟ୍ରାକ୍ କିଲୋମିଟର ରେଳ ଲାଇନ ନିର୍ମାଣ କରାଯାଇଛି ଯାହା ଶ୍ରୀଲଙ୍କାର ମୋଟ ରେଳ ନେଟୱାର୍କଠାରୁ ଅଧିକ ଅଟେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଗତ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୪୫୦ କିଲୋମିଟର ରେଳ ଟ୍ରାକ ନିର୍ମାଣ କରିଥିଲା ବେଳେ ଚଳିତ ବର୍ଷ ୫୦୦ କିଲୋମିଟର ରେଳ ଲାଇନ ନିର୍ମାଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ ଦିଆଯାଇଛି ।

## ସେଲେକୋର ଗ୍ୟାଜେଟ୍ସ ଲିମିଟେଡ୍ ହଂକଂରେ ନୂତନ ଶାଖା ବିସ୍ତାର

**ନୂଆଦିଲ୍ଲୀ,୩୦।୬ :** ଭାରତର ଗତିଶୀଳ ଇଲେକ୍ଟ୍ରୋନିକ୍ସ ଏବଂ ଉପଭୋକ୍ତା ଡ୍ୟୁରେବଲ୍ସ ଗୁଡ୍ସ ମାର୍କେଟରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସେଲେକୋର ଗ୍ୟାଜେଟ୍ସ ଲିମିଟେଡ୍ ହଂକଂରେ ଏହାର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥା ପ୍ରତିଷ୍ଠା କରିବାକୁ ଗର୍ବର ସହ ଘୋଷଣା କରିଛି, ଯାହାର ନାମ ସେଲେକୋର ଗ୍ୟାଜେଟ୍ସ ଏଚକେ ଲିମିଟେଡ। ଏସିଆର ଇଲେକ୍ଟ୍ରୋନିକ୍ସ ଶିଳ୍ପର ପ୍ରବେଶ ଦ୍ୱାର ଭାବରେ ପରିଚିତ ହଂକଂରେ ଅବସ୍ଥିତ ଏହି ନୂତନ ସହାୟକ ସଂସ୍ଥା ସେଲେକୋର ଗ୍ୟାଜେଟ୍ସର ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ପରିଚାଳନା କାର୍ଯ୍ୟକଳାପ କ୍ରୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରିବ ଏବଂ ହଂକଂର ସୁଦୃଢ଼ ଲଜିଷ୍ଟିକ୍ ଭିତ୍ତିଭୂମି ଏବଂ ବ୍ୟବସାୟ ଅନୁକୂଳ ପରିବେଶ ସହିତ କମ୍ପାନୀ ଏହାର ଯୋଗାଣ ଶୃଙ୍ଖଳା ଦକ୍ଷତାକୁ ଅଧିକ ସୁଦୃଢ଼ କରିବା। ଅଭିନବ, ପ୍ରଦାନ କରିବାରେ ଏହାର ପ୍ରତିଯୋଗିତାମୂଳକ ଅଗ୍ରଣୀକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏହାର ଗ୍ରାହକମାନଙ୍କୁ ଉଚ୍ଚ ଗୁଣବତ୍ତା ଯୁକ୍ତ ମୂଲ୍ୟ-କମ୍ପ୍ଲେଟିଭ୍ ଉତ୍ପାଦ। ସେଲେକୋର ଗ୍ୟାଜେଟ୍ ସର ପରିଚାଳନା ନିର୍ଦ୍ଦେଶକ ରବି ଅଗ୍ରୱାଲ କହିଛନ୍ତି, ହଂକଂରେ ଆମର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥା ପ୍ରତିଷ୍ଠା କରିବାକୁ ଆମେ ଉତ୍ସାହିତ।

# ଅମାନିଆ ପଢ଼ିବେ ଟ୍ରାଫିକ୍ ନିୟମ

**ଭୁବନେଶ୍ୱର,୩୦।୬ (ମହାଭାରତ):** ଟ୍ରାଫିକ ନିୟମ ଭଙ୍ଗ କଲେ ଉଲ୍ଲଂଘନକାରୀଙ୍କୁ ଜରିମାନାରେ ଦଣ୍ଡିତ କରାଯାଉଛି। ଏପରିକି କୋର୍ଟରୁ ଜବତ ଗାଡ଼ି ମୁକୁଳାଇବାକୁ ନିର୍ଦ୍ଦେଶ ରହିଛି। ଏହାପରେ ବି ପରିସ୍ଥିତିରେ କୌଣସି ସୁଧାର ଆସୁନାହିଁ। ଦିନକୁ ଦିନ ଟ୍ରାଫିକ ନିୟମ ଉଲ୍ଲଂଘନ ଘଟଣା ବୃଦ୍ଧି ପାଉଛି। ସମୟର ମୂଲ୍ୟ ଆଗରେ ଅର୍ଥର ମୂଲ୍ୟ କମ୍ ବୋଲି ହୃଦବୋଧ କରି ଉଲ୍ଲଂଘନକାରୀ ମାନେ ଜରିମାନା ଦେଇ ଖସିଯିବାକୁ ସୁବିଧା ବାଟ ଭାବେ ଧରି ନେଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଶିକ୍ଷିତ ଶ୍ରେଣୀର। ଏଣୁ କମିଶନରେଟ ପୋଲିସ ଟ୍ରାଫିକ ନିୟମ ଉଲ୍ଲଂଘନ ରୋକିବାକୁ ଭିନ୍ନ ପନ୍ଥା ଗ୍ରହଣ କରିବାକୁ ଯାଉଛି। ଏଣିକି କୌଣସି ବ୍ୟକ୍ତି ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ତାଙ୍କୁ ଜରିମାନାରେ ଦଣ୍ଡିତ କରାଯିବା ସହ ସଂପୃକ୍ତ ବ୍ୟକ୍ତିଙ୍କୁ ଘଣ୍ଟାଏରୁ ଅଧିକ ସମୟ ଅଟକ ରଖି ସଡ଼କ ସୁରକ୍ଷା କିମ୍ବା ଟ୍ରାଫିକ ନିୟମ ବିଷୟରେ ସଚେତନ କରାଯିବ। ଉପସ୍ଥିତ ଥିବା ଟ୍ରାଫିକ କର୍ମଚାରୀ ତାଙ୍କୁ ପଚରାଉଚରା କରିବେ। ସଂପୃକ୍ତ ବ୍ୟକ୍ତି କେଉଁ କାରଣରୁ ନିୟମ ଭାଙ୍ଗିଲେ ସେ ନେଇ ପ୍ରଥମେ ପଚାରି ବୁଝିବେ। ଏହାପରେ ତାଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ଅବଗତ କରାଇବେ । ଏଥିପାଇଁ ଏଜି ଛକସ୍ଥିତ ଟ୍ରାଫିକ ଥାନା ପରିସରରେ ଏକ ସ୍ୱତନ୍ତ୍ର ଗୃହ ସ୍ଥାପନ ହୋଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଉକ୍ତ ଘରେ ଏକ ପ୍ରୋଜେକ୍ଟର ଲଗାଯାଇଛି, ଯେଉଁଥିରେ ସଂପୃକ୍ତ ଟ୍ରାଫିକ ଉଲ୍ଲଂଘନକାରୀଙ୍କୁ ବିଭିନ୍ନ ସହରର ଟ୍ରାଫିକ ନିୟମ ସମ୍ପର୍କରେ ଅବଗତ କରାଯିବ।

ସଂପୃକ୍ତ ବ୍ୟକ୍ତି ଯଦି ସେଠାରେ କୌଣସି ବଦମାସି କରନ୍ତି ତେବେ ତାଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଉକ୍ତ ଘରେ ବସାଯିବ। ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ବର୍ତ୍ତମାନ ଭୁବନେଶ୍ୱର ଟ୍ରାଫିକ ପୋଲିସ ପ୍ରତ୍ୟେକ ଦିନ ଜରିମାନା ଆଦାୟ କରୁଛି। ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛିୟ କିନ୍ତୁ ଲୋକେ ସଚେତନ ହେଉନାହାନ୍ତି। ଏଣୁ ଏପରି ପଦକ୍ଷେପ ନିଆଯିବାକୁ ଚିନ୍ତା କରାଯାଉଛି। ଆଲୋଚନା ପରେ ଏହି ଯୋଜନା ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବ।

# ଜାଗୁଲାଇ ପାଟଣା ରଥଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର,୩୦।୬ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ରେ ଜାଗୁଲାଇ ପାଟଣା ରଥଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ, ଖୋର୍ଦ୍ଧା ଙ୍କ ସମ୍ମିଳନୀ କକ୍ଷରେ ଦିନ ୧୧ ଘଟିକାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପଜିଲ୍ଲାପାଳ , ଦିପ୍ତି ରଞ୍ଜନ ସେଠୀ ଅଧକ୍ଷତା କରିଥିଲେ। ଏହି ବୈଠକ ରେ ଉପସ୍ଥିତ ସମସ୍ତ ସଦସ୍ୟ ଙ୍କୁ ସ୍ୱାଗତ ଜଣାଇ ଉପଜିଲ୍ଲାପାଳ ପୂର୍ବବର୍ଷ ର ରଥଯାତ୍ରା ରେ ସମ୍ମୁଖୀନ ହୋଇଥିବା ଅସୁବିଧା ମାନଙ୍କ ବିଷୟରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ପୂର୍ବବର୍ଷ ର ପ୍ରସ୍ତୁତି ବୈଠକ ର ବିବରଣୀ କୁ ପାଠ କରଯାଇ କାର୍ଯ୍ୟସୂଚୀ ଅନୁସାରେ ବୈଠକ ଚାଲୁ ରହିଥିଲା ।

ପୂର୍ବବର୍ଷ ଭଳି ଏ ବର୍ଷ ମଧ୍ୟ ପ୍ରଥମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ସ୍ୱଚ୍ଛଭଣ୍ଡବଙ୍କ ଯୋଗାଇଦେବାକୁ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ୨ ଟ୍ୟାଙ୍କର ଯୋଗାଇ ଦେବାକୁ ଅନୁରୋଧ କରାଗଲା। ସ୍ୱଚ୍ଛତା ପାଇଁ ସରପଞ୍ଚ ଙ୍କୁ ଦାୟିତ୍ୱ ଦିଆଗଲା । ସ୍ୱାସ୍ଥ୍ୟ ବିଭାଗ କୁ ଫାଷ୍ଟ ଏଡ ସାହାଯ୍ୟ ଏବଂ ଏମ୍ବୁଲେନ୍ସ ଯୋଗାଇ ଦେବାକୁ ଅନୁରୋଧ କରାଗଲା। ରଥ କାରୁକାର୍ଯ୍ୟ ନିମ୍ନ ମାନ ର ହୋଇଥିବାରୁ ପିଡବ୍ଲୁଡିଙ୍କୁ ଟେଷ୍ଟ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟୁତ ବିଭାଗ / ଅଗ୍ନିଶମ ବିଭାଗ ଙ୍କୁ ଦୁର୍ଘଟଣା ଏଡାଇବା ପାଇଁ ସଜାଗ ରହିବାକୁ ଅନୁରୋଧ କରାଗଲା। ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପୁଲିସ ଡିପାର୍ଟମେନ୍ଟ ଙ୍କୁ ଅନୁରୋଧ କରାଗଲା। ସ୍ୱେଚ୍ଛାସେବୀ ଯୋଗାଇଦେବାକୁ ପି.ଏନ କଲେଜ କୁ ଅନୁରୋଧ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଙ୍କୁ ସ୍କାଉଟ୍ସଗାଇଡ ଶଙ୍କସୟର ଯୋଗାଇ ଦେବାକୁ ଅନୁରୋଧ କରାଗଲା । ସଭାରେ ଆଶୁତୋଷ ମହାନ୍ତି ଚୟାରଟ, ବି.ଡି.ଓ ଖୋର୍ଦ୍ଧା ତନୟା ସାହୁ , ଡଃ.ବିନୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜେନସୋଲ ଶକ୍ତି ସଂରକ୍ଷଣ ପ୍ରକଳ୍ପ ସଫଳ

**ନୂଆଦିଲ୍ଲୀ,୩୦।୬ :** ସୌର ଶକ୍ତି ଇଞ୍ଜିନିୟରିଂ, କ୍ରୟ ଓ ନିର୍ମାଣ (ଇପିସି) ସେବା ଏବଂ ଇଲେକ୍ଟ୍ରିକ୍ ମୋବିଲିଟି କ୍ଷେତ୍ରରେ ଅଗ୍ରଣୀ ଜେନସୋଲ ଇଞ୍ଜିନିୟରିଂ ଲିମିଟେଡ୍ ଗୁଜୁରାଟ ଉର୍ଜା ବିକାଶ ନିଗମ ଲିମିଟେଡ୍ (ଜିୟୁଭିଏନ୍ଏଲ୍)ରୁ ୨୫୦ ମେଗାୱାଟ୍/୫୦୦ ମେଗାୱାଟ୍ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ (ବିଇଏସ୍ଏସ୍) ପ୍ରକଳ୍ପ ପାଇଁ ସଫଳ ନିଲାମଦାତା ଭାବେ ଉଭା ହୋଇଛି। ଏହି ପ୍ରକଳ୍ପ ଗୁଜରାଟ ରାଜ୍ୟର ଡିସ୍କୋମ୍ସଗୁଡ଼ିକୁ ପିକ୍ ଏବଂ ଅଫ୍ ପିକ୍ ସମୟରେ 'ଅନ୍-ଡିମାଣ୍ଡ' ଭିତିରେ ବିଦ୍ୟୁତ୍ ଯୋଗାଣ କରିବ, ଯାହା ଦ୍ୱାରା ଅକ୍ଷୟ ଶକ୍ତି ଉପଲବ୍ଧତା ସୌର ସମୟଠାରୁ ଅଧିକ ବୃଦ୍ଧି ପାଇବ, ଶକ୍ତି ସଂରକ୍ଷଣ କ୍ରୟ ଦାୟିତ୍ୱ ପୂରଣ ହେବ ଏବଂ ଗ୍ରିଡ୍ ସ୍ଥିରତା ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଦୈନିକ ଦୁଇଟି ଚାର୍ଜ/ଡିସ୍ଚାର୍ଜ ଚକ୍ର ପାଇଁ ୨୫୦ ମେଗାୱାଟ/୫୦୦ ମେଗାୱାଟ ଶକ୍ତି ପ୍ରଦାନ କରିବ । ସମାନ ସର୍ତ୍ତାବଳୀରେ ଜିୟୁଭିଏନଏଲର ବିବେଚନା ଅନୁଯାୟୀ ୨୫୦ ମେଗାୱାଟ/୫୦୦ ମେଗାୱାଟର ଦ୍ୱିତୀୟ କିସ୍ତି ପ୍ରଦାନ କରିବାର ଏକ ସବୁଜ ବିକଳ୍ପ ଅଛି; ଗ୍ରୀନସୋ ବିକଳ୍ପ ବ୍ୟବହାର କ୍ଷେତ୍ରରେ ପ୍ରକଳ୍ପ ୫୦୦ ମେଗାୱାଟ / ୧୦୦୦ ମେଗାୱାଟରେ ପହଞ୍ଚିପାରେ। ଯାହା ୧୨ ବର୍ଷର ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ କ୍ରୟ ଚୁକ୍ତି (ବିଇଏସପିଏ) କାର୍ଯ୍ୟକାଳ ମଧ୍ୟରେ ପ୍ରାୟ ୨୬୮୦ କୋଟି ଟଙ୍କାର ରାଜସ୍ୱ ସୃଷ୍ଟି କରିବାର ସମ୍ଭାବନା ରହିଛି ।ଭାରତରେ ବିଇଏସ୍ ଏସ୍ ର ଭବିଷ୍ୟତ ଏବଂ ଏହି କ୍ଷେତ୍ରର ଅଭିବୃଦ୍ଧିରେ ଜେନସୋଲର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନେଇ ଆଶାବାଦୀ ଥିବା ଜେନସୋଲ ଇଞ୍ଜିନିୟରିଂ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ ଅନମୋଲ ସିଂହ ଜଗ୍ଗି କହିଛନ୍ତି, ଜେନସୋଲ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଜିୟୁଭିଏନଏଲ ବିଇଏସଏସ୍ ପ୍ରକଳ୍ପ ପାଇଁ ଏହି ଐତିହାସିକ କେବଳ ଅକ୍ଷୟ ଶକ୍ତି କ୍ଷେତ୍ରରେ ଜେନସୋଲର ଦକ୍ଷତା ଏବଂ ବିଶ୍ୱସନୀୟତାକୁ ଆଲୋକିତ କରେ ନାହିଁ ବରଂ ଆମର ଭବିଷ୍ୟତ ପ୍ରୟାସ ପାଇଁ ଏକ ସ୍ୱଷ୍ଟ ଦିଗ ମଧ୍ୟ ସ୍ଥିର କରେ ।

# ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ଗୁରୁତ୍ୱ ଦିଅନ୍ତି ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୩୦।୬ (ମହାଭାରତ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସେ ତାଙ୍କ ୧୧୧ ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସେ ଦେଶବାସୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି । ଭୁବନେଶ୍ୱରର ୟୁନିଟ୍-୩ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନମନ୍ତ୍ରୀଙ୍କ "ମନ୍ କି ବାତ କାର୍ଯ୍ୟକ୍ରମ"କୁ ବିଜେପିର ରାଜ୍ୟ ନେତୃମଣ୍ଡଳୀ ଶୁଣିଥିଲେ । ଦେଶବାସୀ ଗତ ଫେବୃୟାରୀରୁ ଏହି କାର୍ଯ୍ୟକ୍ରମକୁ ଅପେକ୍ଷା କରିଥିଲେ । ଆଜିର "ମନ୍ କି ବାତ୍" କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମ୍ପର୍କରେ କହିଛନ୍ତି । ସେ କହିଛନ୍ତି, ଆସନ୍ତା ସପ୍ତାହରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏନେଇ ଦେଶବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଛନ୍ତି । ଏଥିସହ ନମୋ ଆପ୍ କିମ୍ବା ୧୮୦୦୧୧୭୮୦୦ରେ ମେସେଜ୍ କରି ତାଙ୍କ ରେଡିଓ ପ୍ରସାରଣ କାର୍ଯ୍ୟକ୍ରମ ସମ୍ପର୍କରେ ମତାମତ ଦେବାକୁ ଲୋକଙ୍କୁ ଆହ୍ୱାନ ଦେଇଥିଲେ।



ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ପ୍ରଥମଥର ପାଇଁ ମାସିକ 'ମନ କି ବାତ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାଧ୍ୟମରେ ସେ ଦେଶବାସୀଙ୍କୁ ସମ୍ବୋଧନ କରିଥାନ୍ତି । ଏଥିରେ ଶ୍ରୀ ମୋଦି ଯେଉଁ ଭଳି ଭାବେ ସାଧାରଣ ଦେଶବାସୀଙ୍କ ମନର କଥାକୁ ବାଖ୍ୟା କରୁଛନ୍ତି, ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ସମ୍ବର୍ଦ୍ଧନା ସଭାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ କହିଛନ୍ତି। ଶ୍ରୀ ସାମଲ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଲୋକପ୍ରିୟତା ଦେଶ ତଥା ସାରା ବିଶ୍ୱରେ ରହିଛି । ଜଣେ ସାଧାରଣ ଲୋକଟି ନିଜର ଅସାଧାରଣ କାର୍ଯ୍ୟ ପାଇଁ ସମାଜରେ ବିଶେଷ ସ୍ଥାନ ଅର୍ଜନ କରିବା ସହିତ ନିଜ ଅଂଚଳ ତଥା ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥାଏ । ଏଭଳି ମହାନ ବ୍ୟକ୍ତିତ୍ୱଙ୍କୁ ଲୋକଲୋଚନକୁ ଆଣିବାରେ 'ପ୍ରଧାନମନ୍ତ୍ରୀ ମନ୍ କି ବାତ୍' କାର୍ଯ୍ୟକ୍ରମ ଏକ ବଡ ମାଧ୍ୟମ ପାଲଟିଛି । ପ୍ରଧାନମନ୍ତ୍ରୀ ସର୍ବଦା ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ଗୁରୁତ୍ୱ ଦେଇଛନ୍ତି । ସେ ରଥଯାତ୍ରାର ମହାନ୍ ସଂସ୍କୃତିକୁ ମନ୍ କି ବାତ୍ କାର୍ଯ୍ୟକ୍ରମରେ କହି କୋଟି ଓଡ଼ିଆଙ୍କ ହୃଦୟ ଜିଣିଛନ୍ତି।

ଏହି ଅବସରରେ ବିଜେପିର ନବନିର୍ବାଚିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଜୁଏଲ ଓରାମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ପ୍ରଭାତି ପରିଡାଙ୍କ ସମେତ ସମସ୍ତ ବିଧାୟକ, ସାଂସଦ, ମନ୍ତ୍ରୀମଣ୍ଡଳ ସଦସ୍ୟ, ଲୋକସଭା ଓ ରାଜ୍ୟସଭା ସଦସ୍ୟ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବସନ୍ତ ପଣ୍ଡା, ଗଣମାଧ୍ୟମ ପ୍ରତିନିଧି ଓ ବିଜେପିର ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## କୋକା-କୋଲା ଦ୍ୱାରା ଅନେଷ୍ଟ ଟି'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୦।୬ :** ଅନେଷ୍ଟ ଚା ପିଇବା ପାଇଁ ପ୍ରସ୍ତୁତ ଏକ ମୃଦୁ ପାନୀୟ ଜୈବ ସବୁଜ ଚା ସହିତ ମିଶି ଏହାର ଏକ ନୂତନ ଅଭିଯାନ ଫାଇଣ୍ଡୟୁଓରଗୁଡ଼କ୍ୟାମ୍ପେନର ଘୋଷଣା କରିଛି ଯାହାକି ଖ୍ୟାତନାମା ଲେଖକ, ସ୍ତମ୍ଭକାର ତଥା ନିରୋଗ ସାଧନ ପାଇଁ ଉତ୍ସାହୀ ଟ୍ୱିଙ୍କିଲ ଖାନାଙ୍କ ସହିତ ମିଳିତ ସହଯୋଗରେ କରାଯାଇଛି। ଶୁଭାରମ୍ଭ ହୋଇଥିବା ଏହି ନୂତନ ଫିଲ୍ମରେ ଟ୍ୱିଙ୍କିଲ ଖାନାଙ୍କୁ ଅନେଷ୍ଟ ଟି ସହିତ ତାଙ୍କର ନିତ୍ୟ ପ୍ରତିଦିନର ଶାନ୍ତ ବ୍ୟସ୍ତବିବ୍ରତ କର୍ମ ମଧ୍ୟରେ ଚିତ୍ରଣ କରାଯାଇଛି ଯାହା ଜୈବ ସବୁଜ ଚାରୁ ପ୍ରସ୍ତୁତ ତଥା ସୁପ୍ରସିଦ୍ଧ ମାକାଇବାରୀ ଟିଇଷ୍ଟେଟ ଏହି ଚାର ଉତ୍ସ।

ଏକ ପୃଥିବୀ ଯେଉଁଠାରେ ପରସ୍ପର ନିର୍ଭରଶୀଳତାର ଆଶାବାଦୀତା ଭରି ରହିଛି ଯାହାକି ଏହି ଅନେଷ୍ଟ ଟି ଅଭିଯାନ ଲୋକମାନଙ୍କୁ ସେମାନଙ୍କର ନିଜସ୍ୱ ଆରାମଦାୟକ ଦିଗ ଆଡ଼କୁ ଦୃଷ୍ଟି ଆକର୍ଷଣ କରିଥାଏ। ତୃଷାର୍ ସହିତ ଆହୁରି ଅଧିକ ସମ୍ବନ୍ଧ ସ୍ଥାପନ ପାଇଁ ଏହି ବ୍ରାଣ୍ଡ ଆଉ ଦୁଇଟି ମନମତାଣିଆ ସ୍ୱାଦ ପରୀକ୍ଷାର ଅଫର ପ୍ରଦାନ କରିଛି ଯାହା ମଧ୍ୟରେ ରହିଛି ଲେମ୍ବୁ-ତୁଳସୀ ଏବଂ ଆମ୍ବର ସ୍ୱାଦ। ବିଭିନ୍ନ ଅଭିଯାନକୁ ଆହୁରି ଅଧିକ ବ୍ୟାପକ କରିବା ପାଇଁ ଅନେଷ୍ଟ ଟି ଅନେକ ଗୁଡ଼ିଏ ସାମାଜିକ ଚଳଚ୍ଚିତ୍ର ଏବଂ ଡ଼ିଜିଟାଲ କାର୍ଯ୍ୟ ସକ୍ରିୟତାକୁ ପ୍ରଦର୍ଶିତ କରିବାକୁ ଯାଉଛି ଯାହା ଗ୍ରାହକମାନଙ୍କୁ ଧରିରଖି ପାରିବ। ଡ଼ବ୍ଲୁପିପି ଓପନ ଏକ୍ସ ଦ୍ୱାରା ବିଷୟବସ୍ତୁ ନିମନ୍ତେ ଅନୁପ୍ରେରିତ ହୋଇ, ଏହି ଅଭିଯାନର ଚଳଚ୍ଚିତ୍ରଟି ଟ୍ୱିଙ୍କିଲ ସମ୍ମୁଖୀନ ହେଉଥିବା ତାଙ୍କର ପ୍ରତିଦିନର ସମ୍ପର୍କ ତାଲିକାର ସେହି ନିବିଡ଼ତାର ମୁହୂର୍ତ୍ତକୁ ଏଥିରେ ବାନ୍ଧି ଧରି ରଖିପାରିଛି। ନିଜକୁ କଠିନତାରୁ ଟିକେ ହାଲୁକା କରିବା ପାଇଁ ବସିପଡ଼ିବା ସମୟରେ ଟ୍ୱିଙ୍କିଲ ଅନେଷ୍ଟ ଟିର ଗୋଟିଏ ଢ଼ୋକକୁ ନେଇ ଏହାର ମଜାନେବା ସହିତ କହିଛନ୍ତି, "କ'ଣ ଆପଣଙ୍କ ପାଇଁ ଭଲ ତାହା ଆପଣଙ୍କ ହିଁ ନିର୍ଣ୍ଣୟ କରିବେ"।

## ଏନଡିଏରେ ବଡ଼ ପରିବର୍ତ୍ତନ

୨୦୧୯ରେ ଧାରା ୩୭୦ ଉଚ୍ଛେଦ ପରେ ଜାମ୍ମୁ-କାଶ୍ମୀର ଏକ କେନ୍ଦ୍ର ଶାସିତ ଅଞ୍ଚଳ ହୋଇଛି। ସେତେବେଳେ ଅବଶ୍ୟ କେନ୍ଦ୍ର ସରକାର ଜାମ୍ମୁ-କାଶ୍ମୀର ପରିସ୍ଥିତିରେ ଉନ୍ନତି ଆସିଲେ ଏହାକୁ ଏକ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପ୍ରଦାନ କରାଯିବ ବୋଲି କହିଥିଲେ। ଏବେ ପରିସ୍ଥିତିରେ ଉନ୍ନତି ଆସିଛି । ତେଣୁ ଏହାକୁ ରାଜ୍ୟ ମାନ୍ୟତା ମିଳିବା ସମ୍ଭାବନା ସୃଷ୍ଟି ହୋଇଛି। ସେ ଦୃଷ୍ଟିରୁ ଜାମ୍ମୁ-କାଶ୍ମୀରରେ ନିର୍ବାଚନ ବିଳମ୍ବିତ ହୋଇପାରେ। କିନ୍ତୁ ବାକି ୩ଟି ରାଜ୍ୟରେ ଆସନ୍ତା ନଭେମ୍ବରରେ ବିଧାନସଭା ନିର୍ବାଚନ ହେବାର ଅଛି। ଝାଡ଼ଖଣ୍ଡରେ ଏବେ ଜେଏମଏମ-କଂଗ୍ରେସ ସରକାର ରହିଛି। ଗତ ଲୋକସଭା ନିର୍ବାଚନରେ ସେଠାରେ ଏନଡିଏ ଭଲ ପ୍ରଦର୍ଶନ କରିଥିଲା। ତେଣୁ ବିଧାନସଭା ନିର୍ବାଚନରେ ବିଜେପି ବା ଏନଡିଏ କ୍ଷମତାକୁ ଫେରିବାର ସମ୍ଭାବନା ରହିଛି। ହରିୟାନାରେ ଗତ ୧୦ ବର୍ଷ ହେବ ବିଜେପି କ୍ଷମତାରେ ରହିଛି। କିନ୍ତୁ କୃଷକ ଆନ୍ଦୋଳନ ଯୋଗୁ ରାଜ୍ୟରେ ବିଜେପି ଲୋକପ୍ରିୟତା ହରାଇଛି। ଲୋକସଭା ନିର୍ବାଚନ ଫଳାଫଳରୁ ଏହା ପ୍ରମାଣିତ ହୋଇଛି। ତା ଚଡ଼ା ବିଜେପି-ଜେଜେପି ମେଣ୍ଟ ଭାଙ୍ଗି ଯାଇଛି। ତେଣୁ ବିଧାନସଭା ନିର୍ବାଚନରେ ବିଜେପିକୁ ପୁନର୍ବାର ଜିତିବା କଷ୍ଟକର ହୋଇପାରେ। ସେଠାରେ କଂଗ୍ରେସ କ୍ଷମତାକୁ ଫେରିବା ଜଳଜଳ ଦେଖାଯାଉଛି। ମନୋହରଲାଲ ଖଟ୍ଟର ମୁଖ୍ୟମନ୍ତ୍ରୀ ପଦରୁ ହଟିବା ପରେ ସେଠାରେ ବିଜେପି ଅଧିକ ଦୁର୍ବଳ ହୋଇଯାଇଛି। ସେମିତି କିଛି ଚମତ୍କାରିତା ନହେଲେ ରାଜ୍ୟରେ କଂଗ୍ରେସ କ୍ଷମତାକୁ ଫେରିବା ସୁନିଶ୍ଚିତ। ଅନ୍ୟ ପଝରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏକ ବଡ଼ ରାଜ୍ୟ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଫଳାଫଳ ଜାତୀୟ ରାଜନୀତି ଦୃଷ୍ଟିରୁ ବେଶ ଗୁରୁତ୍ୱପୂର୍ଣ୍ଣ। ମହାରାଷ୍ଟ୍ରରେ ଗତ ବିଧାନସଭା ନିର୍ବାଚନରେ ବିଜେପି-ଶିବସେନା ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। କିନ୍ତୁ ନିର୍ବାଚନ ପରେ ଶିବସେନା ମେଣ୍ଟରୁ ଓହରିଯାଇ କଂଗ୍ରେସ ଓ ଏନସିପି ସହିତ ହାତ ମିଳାଇ ସରକାର ଗଠନ କରିଥିଲା। ଉଦ୍‌ଧବ ଠାକରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ବିଜେପିକୁ ଏହା ଶକ୍ତ ଧକ୍କା ସଦୃଶ ହୋଇଥିଲା। ଜନମତର ଏହା ଥିଲା ଅପହରଣ। କିନ୍ତୁ ଏହି ସରକାର ଅଧିକ ଦିନ ଚାଲିଲା ନାହିଁ। ଏନସିପି ଓ ଶିବସେନାରେ ବିଭାଜନ କରି ବିଜେପି କ୍ଷମତାକୁ ଫେରିଲା। କିନ୍ତୁ ଶିବସେନାର ବିଭାଜିତ ଗୋଷ୍ଠୀ ନେତା ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ହେଲେ। ଏନସିପିର ଏକ ବଡ଼ ଗୋଷ୍ଠୀ ଅଜିତ ପାୱାରଙ୍କ ନେତୃତ୍ୱରେ ସରକାରରେ ସାମିଲ ହୋଇଛି। କିନ୍ତୁ ଗତ ଲୋକସଭା ନିର୍ବାଚନରେ ତିନି ଦଳକୁ ନେଇ ଗଠିତ ଏନଡିଏ ଶୋଚନୀୟ ପ୍ରଦର୍ଶନ କରିଛି। କଂଗ୍ରେସ-ଏନସିପି ଓ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧିନ ଶିବସେନା ମେଣ୍ଟ ଭଲ ପ୍ରଦର୍ଶନ କରିଛି। ତେଣୁ ବିଧାନସଭା ନିର୍ବାଚନରେ ଏହି ମେଣ୍ଟ (ମହାଅଗାଡ଼ି) ଭଲ ପ୍ରଦର୍ଶନ କରିବ ଏବଂ କ୍ଷମତାକୁ ଫେରିବ ବୋଲି ଆଶା କରାଯାଉଛି। ନିର୍ବାଚନ ପୂର୍ବରୁ ଏନଡିଏରେ ବଡ଼ ପରିବର୍ତ୍ତନ ହୋଇପାରେ। ବିଜେପି ଓ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ମଧ୍ୟରେ ଏବେ ଝଗଡ଼ା ଆରମ୍ଭ ହୋଇଛି। କେନ୍ଦ୍ରରେ ମୋଦି ସରକାରରେ ଏନସିପି ସାମିଲ ହୋଇ ନାହିଁ। ବିଧାନସଭା ନିର୍ବାଚନ ବେଳକୁ ଏନସିପି ଏନଡିଏରେ ଥିବ କି ନାହିଁ ସନ୍ଦେହ। ବିଧାନସଭା ନିର୍ବାଚନରେ ବିଜେପିକୁ ମହାରାଷ୍ଟ୍ରରେ ପୂର୍ବ ସଫଳତା ଦୋହରାଇବା କଷ୍ଟକର ହୋଇପାରେ। ଏଥିଲାଗି ଦଳକୁ କିଛି ବଡ଼ ପରିବର୍ତ୍ତନ ଏବଂ ଠୋସ ପଦକ୍ଷେପ ନେବାକୁ ପଡ଼ିପ। ଏଥିପାଇଁ ଦେବେନ୍ଦ୍ର ଫଡ଼ନାବିଶ ଉପ-ମୁଖ୍ୟମନ୍ତ୍ରୀ ପଦରୁ ଓହରିଯିବାକୁ ପ୍ରସ୍ତାବ ଦେଇଥିଲେ।

## ଏକ ମୁକ୍ତାହାର

**॥ ଅନୀତା ପଟ୍ଟନାୟକ ॥**

> “
> ଦ୍ୱାଦଶରେ ଶୁଭଶ୍ରୀ କହିଲା ‘ତୁମେ ଯେତିକି କରିବାକୁ ସମର୍ଥ ତା ଠାରୁ କମ କରିବା ହେଉଛି ଚୋରି’, ତ୍ରୟୋଦଶରେ ମଞ୍ଜୁଶ୍ରୀର ଉକ୍ତି ଥିଲା ‘ସୁଖ କହିଲେ ଶୁଭକଥା ବାର୍ତ୍ତା, ଶୁଭଚିନ୍ତା ଓ ଶୁଭକର୍ମକୁ ବୁଝାଏ’, ଚତୁର୍ଦ୍ଦଶରେ ଶ୍ରଦ୍ଧାଞ୍ଜଳୀ ଏହି ଉକ୍ତିଟି ମନେରଖିଥିଲା ‘ସାଧକର ବହୁତ ମଙ୍ଗଳ ହୁଏ ଯେତେବେଳେ ସେ ଆପଣାର ଭୁଲକୁ ସ୍ୱୀକାର କରେ ଓ ଅନ୍ୟର ଭୁଲ ଖୋଜିବାକୁ ଚେଷ୍ଟା କରେନାହିଁ।’

ସେ ଦିନ ତାଙ୍କର ଜନ୍ମଦିନ ଥିଲା। ମୁଁ ଓ ମୋ ସହିତ ଆଉ ଛତିଶ ଜଣ ବାନ୍ଧବୀ ଏକାଠି ହୋଇ ପ୍ରଶାନ୍ତି ନିଳୟମ ଯାତ୍ରା କରିଥିଲୁ। ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ଏକ କ୍ଷୁଦ୍ର ପୁଟ୍ଟପର୍ତ୍ତି ଗ୍ରାମରେ ଆମେ ପହଞ୍ଚିଲୁ। ଶୁଣିବାକୁ ପାଇଲୁ ସତ୍ୟସାଇ ବାବା ଦିବ୍ୟସମ୍ଭାଷଣ ଆଜି ସନ୍ଧ୍ୟା ସମୟରେ ପ୍ରଦାନ କରିବେ। ତାଙ୍କର ଦର୍ଶନ, ସ୍ପର୍ଶ ଓ ସମ୍ଭାଷଣ ଖୁବ ମନମୁଗ୍ଧକର। ଦର୍ଶନ ଓ ପାଦ ପ୍ରଣାମର ସୌଭାଗ୍ୟ ଲାଭ କରି ମୁଁ ଓ ମୋର ବାନ୍ଧବୀମାନେ ଉପଲବ୍ଧି କରିଥିଲୁ ଯେ ସତ୍ୟସାଇ ବାବା ଅବତାରୀ ପୁରୁଷ। ସେ ଦିନ ଆମେ ସ୍ଥିର କରିଥିଲୁ ତାଙ୍କର ସମ୍ଭାଷଣ ଆମେ ଶୁଣିବା; ଓ ସେ କହୁଥିବା ବାଣୀକୁ ଜଣେ ଜଣେ ମନେ ରଖିବା ଓ ତାହାକୁ ଦିନେ ଏକାଠି ଲିପିବଦ୍ଧ କରି ରଖିବା। ମତେ ବାନ୍ଧବୀମାନେ ସେହି ଲିପିବଦ୍ଧ ଉପଦେଶଗୁଡ଼ିକର ଉପକ୍ରମ ଲେଖିବାର ଦାୟିତ୍ୱ ଦେଇଥିଲେ। ତାଙ୍କର ବାଣୀକୁ ଆଧାର କରି ଏହି ଉପକ୍ରମଟି ଲେଖୁଛି।

ସେ କୁହନ୍ତି ସମୟର ଅତନ୍ଦ୍ର ନିଦ୍ରାରେ ତୁମେ ଅଚେତନ। ତୁଚ୍ଛକର୍ମ, ହୀନଚିନ୍ତାରେ ପରିପୂର୍ଣ୍ଣ ତୁମ ଜୀବନ ଖାତାର ହିସାବ ପୃଷ୍ଠାପରେ ପୃଷ୍ଠା ତୁମର କାମନା ବାସନା କଳଙ୍କିତ କରି ଚାଲିଛି। ତୁମେ ଜାଣିଚ, ସ୍ୱପ୍ନର ସେପାରି ନିଦ୍ରାର ଅତୀତରେ ଏକ ସୁଖମୟ ରାଜ୍ୟ ରହିଛି। ତୁମର ଅଜ୍ଞତାରେ ଜାଗ୍ରତ ଓ ଚେତନାର ଉର୍ଦ୍ଧ୍ୱରେ ଏକ ସ୍ୱର୍ଣାତୀତ ଭୂମି ରହିଛି ଯାହାର ନାମ ପ୍ରଶାନ୍ତି। ମୁଁ ବାଟବଣାଙ୍କୁ ପରିତ୍ରାଣ କରିବା ପାଇଁ ଆସିଛି। ନିର୍ବୋଧ ଅହଂକାରରେ ପୂର୍ଣ୍ଣଚିତ୍ତରେ କଣ୍ଟାବୁଦାରେ କଳ୍ପନାର ଭୂତଖୋଜି ବୁଲୁଛି। ଘନ ଅନ୍ଧକାରରେ ଆଖିରେ ପୁଟୁଳି ବାନ୍ଧି ଜନ୍ମ ମୃତ୍ୟୁ ଗର୍ଭରେ ବାରମ୍ବାର ପଡ଼ି ତୁମେ ପରାଜି, ବିଖଣ୍ଡିତ ଦୁର୍ଗତିର ଶିକାର ହୋଇ ଆର୍ତ୍ତନାଦ କରୁଛ। ମୁଁ ଆସିଛି ତୁମକୁ ଆରୋଗ୍ୟ କରିବା ପାଇଁ। ତୁଚ୍ଛ ସ୍ୱାର୍ଥ-ବାତୁଳତା। ଦୀନହୀନ କ୍ଷଣିକ ପ୍ରୀତି ବଡ଼ପଣ ବଡ଼ଲୋକ, ଛୋଟ ଛୋଟ ପ୍ରେମ ଘୃଣା ଏ ସବୁ ପିଲାଖେଳ ଏସବୁର ମୁକ୍ତି ଦେବା ପାଇଁ।

ଟ୍ରେନରେ ଫେରୁଥିବା ସମୟରେ ଭଗବାନ ସତ୍ୟସାଇଙ୍କ ଠାରୁ ଆହରଣ କରିଥିବା ତାଙ୍କର ବାଣୀକୁ ଏକାଠି କରିବାକୁ ଚେଷ୍ଟା କଲୁ। ବାନ୍ଧବୀମାନେ ଯେ ଯାହା ରାସ୍ତାରେ ଚାଲିଗଲେ। କିନ୍ତୁ ସେ ମୁକ୍ତାଗୁଡ଼ିକୁ ମୁଁ ଲିପିବଦ୍ଧ କରି ରଖିଛି। ସେଥିରେ ଏକ ସୁନ୍ଦରହାର ହୋଇ ପାରୁଛି। ସେହି ମୁକ୍ତାର ହାରକୁ ମୁଁ ଆଜି ତାଙ୍କର ପାଦପଦ୍ମରେ ଅର୍ପଣ କରୁଛି।

ପ୍ରଥମ ମୁକ୍ତ - କୀର୍ତ୍ତିପଦ୍ମା ମନେରଖି ମତେ କହିଥିଲା ‘ଈଶ୍ୱରଙ୍କ ଠାରେ ପହଞ୍ଚିବାର ରାଜମାର୍ଗ ହେଉଛି ସଦାଚାର’। ହିରଣ୍ମୟୀ ମନେରଖିଥିବା ଦ୍ୱିତୀୟ ମୁକ୍ତାଟି ‘ସଂସାରକୁ ଜିଣିବା ଲୋକକୁ ବୀର କୁହାଯା, କିନ୍ତୁ ନିଜକୁ ଜିଣିଥିବା ଲୋକଙ୍କୁ ମହାବୀର କୁହାଯାଏ’, ତୃତୀୟ ବାନ୍ଧବୀ ସାଗ୍ନିକା ମନେରଖିଥିଲା ‘ସତ୍ୟର ରାସ୍ତା ଈଶ୍ୱରଙ୍କ ପାଖକୁ ଅସତ୍ୟର ରାସ୍ତା ରାକ୍ଷାସ ପାଖକୁ’, ଚତୁର୍ଥ ବାନ୍ଧବୀ ପୁଷ୍ପାଞ୍ଜଳୀ ମନେରଖି କହିଥିଲା ‘ଈଶ୍ୱରଙ୍କର ଅନୁଗ୍ରହ ପାଇବାର ପ୍ରଥମ ପଦକ୍ଷେପ ହେଉଛି ବିଶ୍ୱାସ’, ପଞ୍ଚମ ବାନ୍ଧବୀ ଉର୍ବୀ କହିଥିଲା ‘ଧୈର୍ଯ୍ୟଶୀଳତା ସାଧକର ସର୍ବୋତ୍ତମ ଉପକାରର ପନ୍ଥା’, ଷଷ୍ଠ ବାନ୍ଧବୀ ରାଧା କହିଥିଲା ‘ପ୍ରତ୍ୟେକ କର୍ମକୁ ଆତ୍ମଦୃଷ୍ଟି ଓ ପରମାତ୍ମାଙ୍କୁ ପାଇବା ପାଇଁ କରିଚାଲ’, ସପ୍ତମ ବାନ୍ଧବୀ ଲୋପାମୁଦ୍ରା କହିଥିଲା ‘ଈଶ୍ୱରଙ୍କ ସର୍ବମୟତା ଉପରେ ବିଶ୍ୱାସ କର। ସବୁ ନାମ ତାଙ୍କର ସବୁ ରୂପ ତାଙ୍କର’। ଅଷ୍ଟମରେ ପ୍ରୀୟମ୍ବଦା ମନେରଖିଥିବା କଥାଟିକୁ କହିଲା ‘ଯେ ନିଷ୍କଳ ଜ୍ଞାନର ଅଧିକାରୀ ସେ ସଦାସର୍ବଦା ଈଶ୍ୱରଙ୍କର ନିକଟତମ ହୋଇ ତାଙ୍କ ସନ୍ନିଧିରେ ବାସ କରେ’, ନବମରେ ସତ୍ୟରୂପା ସେ ଦିନର ସମ୍ଭାଷଣକୁ ଉଦ୍ଧାର କରି କହିଲା ‘ସହଜାତ ପ୍ରବୃତ୍ତିରୁ ମୁକ୍ତ ହେବାକୁ ପ୍ରକୃତ ମୁକ୍ତି କୁହାଯାଏ’, ଦଶମରେ ସାଇସୁଧା ବକ୍ତବ୍ୟ ରଖିଲା ‘କର୍ମଫଳ ତ୍ୟାଗ କରିଥିବା ବ୍ୟକ୍ତିର କର୍ମ ହିଁ ସମାଧି’, ଏକାଦଶରେ ଦେବଶ୍ରୀର ଉକ୍ତି ଥିଲା ‘ତୁମେ ଯେତିକି କରିବାକୁ ସମର୍ଥ ତାଠାରୁ ଅଧିକ କରିବାକୁ ବାହାରି ପଡ଼ିବା ହିଁ ଭାଣ୍ଡାମି’।

ଦ୍ୱାଦଶରେ ଶୁଭଶ୍ରୀ କହିଲା ‘ତୁମେ ଯେତିକି କରିବାକୁ ସମର୍ଥ ତା ଠାରୁ କମ କରିବା ହେଉଛି ଚୋରି’, ତ୍ରୟୋଦଶରେ ମଞ୍ଜୁଶ୍ରୀର ଉକ୍ତି ଥିଲା ‘ସୁଖ କହିଲେ ଶୁଭକଥା ବାର୍ତ୍ତା, ଶୁଭଚିନ୍ତା ଓ ଶୁଭକର୍ମକୁ ବୁଝାଏ’, ଚତୁର୍ଦ୍ଦଶରେ ଶ୍ରଦ୍ଧାଞ୍ଜଳୀ ଏହି ଉକ୍ତିଟି ମନେରଖିଥିଲା ‘ସାଧକର ବହୁତ ମଙ୍ଗଳ ହୁଏ ଯେତେବେଳେ ସେ ଆପଣାର ଭୁଲକୁ ସ୍ୱୀକାର କରେ ଓ ଅନ୍ୟର ଭୁଲ ଖୋଜିବାକୁ ଚେଷ୍ଟା କରେନାହିଁ।’ ପଞ୍ଚଦଶରେ ମୋନାଲିସା ମନେରଖିଥିଲା ‘ସାଧକର ଲକ୍ଷ୍ୟପ୍ରାପ୍ତି ପାଇଁ ଶାନ୍ତ ଓ ଆଶ୍ୱସନଭରା କଥା ଅପରିହାର୍ଯ୍ୟ’, ଷୋଡ଼ଶ ଉକ୍ତିଟି ମଧୁଲିତାର ଥିଲା ‘ଜିଭ ମିଠାଥିଲେ ଲୋକ ତୁମ ନାମକୁ ବି ଦଣ୍ଡବତ କରିବେ’, ସପ୍ତଦଶ ଉକ୍ତିଟି ମନେରଖିଥିଲା ଅଞ୍ଜଳୀ - ‘ଜିଭ ବୋଲ ମାନିଲେ ସାରା ସଂସାର ବୋଲମାନେ’, ଅଷ୍ଟଦଶ ଅମୃତବାଣୀକୁ ମନେରଖିଥିଲା ରଞ୍ଜନା ‘ହରିଙ୍କ ଆଦେଶ ଯେ ମାନେ ସେ ଯୋଗୀ ଯେ ନ ମାନେ ସେ ରୋଗୀ’, ଊଣିଶତମ ଉକ୍ତି ଥିଲା ପ୍ରତିଶ୍ରୁତିର ‘ହୃଦୟ ସହ ହୃଦୟ ବାନ୍ଧି ହୋଇଗଲେ ତର୍କ ବିତର୍କ ରହେନାହିଁ’, ବିଂଶ ଉକ୍ତିଥିଲା ପ୍ରତ୍ୟାଶାର ‘ଅଶୁଦ୍ଧ ଖାଦ୍ୟ ମନୁଷ୍ୟକୁ ଅଶୁଦ୍ଧ କରିଦିଏ, ଧର୍ମର ସୂର୍ଯ୍ୟକୁ ଉଦିତ ହେବାକୁ ଦିଏନାହିଁ’। ଏକବିଂଶ ଅମୃତ ବାଣୀକୁ ମନେରଖି ଶତରୂପା କହିଲା ‘ମୁକ୍ତି ପାଇଁ ଅନ୍ୟବାଟ ଖୋଜିଲେ କିପରି ହେବ ଅଖଣ୍ଡ ଆନନ୍ଦର ଭାବନା ହରି ଭାବନା ହୃଦୟରେ ରଖିବାକୁ ହେବ’, ଦ୍ୱାବିଂଶ ଉକ୍ତି ମନେ ରଖିଥିଲା ଦୀପ୍ତିମୟୀ ‘ବାଦ ବିବାଦର ବୋଝକୁ ଫିଙ୍ଗି ବିଶ୍ୱାସ ଓ କର୍ମର ତୁମକୁ ଈଶ୍ୱର ଲାଭରେ ସାହାଯ୍ୟ କରିବ’, ତ୍ରୟୋବିଂଶ ଉକ୍ତିକୁ କହିଥିଲା ସୁଧା ‘ଆଧାତ୍ମିକ ସାଧନାକୁ ନିଷ୍ଫଳ କରିଦେବ ଫଳ ପାଇବାର ବ୍ୟାକୁଳତା’, ଚତୁର୍ବିଂଶ ଅମୃତବାଣୀକୁ ମନେ ରଖିଥିଲା ପଦ୍ମଶ୍ରୀ ‘ମନବୁଦ୍ଧି ଶରୀର ଧ୍ୱଂସ ପାଇଲେ ହେଁ ଅବିନଶ୍ୱର ଆତ୍ମାର ଅନିଷ୍ଟ ହୋଇନଥାଏ’। ପଞ୍ଚବିଂଶ ବାଣୀଟିଥିଲା ପଲ୍ଲିଶ୍ରୀର ‘ଶରୀର ଆମର ସ୍ୱରୂପ ନୁହେଁ, ତାର କ୍ଷୟ ମୃତ୍ୟୁ ଅଟେ। ନର, ନାରାୟଣ ପାଲଟିବାର ପ୍ରଥମ ପାହାଚ ହେଉଛି ମୁଁ ବୋଲି ଯାହାକୁ କହୁଛ ତାହା ଶରୀର ନୁହେଁ ପରମାତ୍ମା ଏହାକୁ ଉପଲବ୍ଧି କରିବା ହେଉଛି ସାଧନା, ତପସ୍ୟା’, ଷଡ଼ବିଂଶ ଉକ୍ତିକୁ ସ୍ମରଣ କରି ମଞ୍ଜୁଶ୍ରୀ କହିଲା ‘ଯେଉଁଠାରେ ହରିନାମର ମଧୁର ଧ୍ୱନୀ ଓ ସୁଗନ୍ଧଥାଏ ତାହାକୁ ବୈକୁଣ୍ଠ କୁହାଯାଏ’, ସପ୍ତବିଂଶ ଉକ୍ତି ଥିଲା ଇତିଶ୍ରୀର ‘ଗୋରୁର ଚମଡ଼ାରେ ଜୋତା ଚପଲ କରାଯାଏ, ମନୁଷ୍ୟ ଚମଡ଼ା କୌଣସି କାମରେ ଲାଗେ ନାହିଁ। କିନ୍ତୁ ମନୁଷ୍ୟ ପବିତ୍ର କର୍ମ ସଂପାଦନ କଲେ ଦେବତ୍ୱ ଲାଭ କରିବ’। ଅଷ୍ଟବିଂଶ ମଧୁରବାଣୀକୁ ମନେରଖି ସ୍ମରଣ କରି ଜ୍ୟୋତିର୍ମୟୀ କହିଲା ‘ସଂସାର ସ୍ନେହଭରା ଘର ପାଲଟି ଯିବା ଦରକାର। ନିଜକୁ ଶ୍ରଦ୍ଧା କରେ, ତାପରେ ଗାଁ ନଗରୀକୁ ଶ୍ରଦ୍ଧା କରେ, ତାପରେ ଜିଲ୍ଲା, ଦେଶ ଓ ସାରା ସଂସାରକୁ ଶ୍ରଦ୍ଧାକର ଦେଖିବ ଏହା ସମ୍ଭବ ହୋଇପାରିବ’, ଅଣତିରିଶତମ ଉକ୍ତି ଥିଲା ନନ୍ଦିନୀର ‘ଅନ୍ୟମାନଙ୍କ ଠାରୁ ତୁମେ ଯେଉଁ ସମ୍ମାନ ଆଶା କରୁଛ ତୁମେ ପ୍ରଥମେ ତାହା ଅନ୍ୟମାନଙ୍କୁ ଦେଖାଅ। ଦେଖିବ ତୁମର ମଙ୍ଗଳ ହେବ’, ତ୍ରିଂଶ ଉକ୍ତି ଥିଲା ସୁଷମାର ‘ଯାହା ଜାଣି ନାହିଁ ତାହା ମାନିଯାଅ। ଛଳନାକରି ଅଜ୍ଞତାକୁ ଘୋଡ଼ାଅ ନାହିଁ, ଏହା ଅଧାତ୍ମିକ ସାଧନାରେ ବାଧା ସୃଷ୍ଟି କରେ’। ଏକ ତ୍ରିଂଶ ଉକ୍ତି ପ୍ରତିଭାର ଥିଲା ‘ମନର ବିକାର ଉପରେ ଅଧିକାର ହାସଲ କଲେ ବ୍ରହ୍ମକୁ ବୁଝିହୁଏ ମନରେ ବ୍ରହ୍ମସତ୍ୟ ଆସିଲେ ଦୁଃଖ ଶୋକର ଅନ୍ତ ଘଟେ। ଆତ୍ମାନନ୍ଦ ପାଇଁ ସଂସାରମାୟାକୁ ଦୂର କରିହେବ’, ଦ୍ୱାତ୍ରିଂଶ ଉକ୍ତି ଥିଲା ଭାରତୀର ‘ତୁମେ ବୀର ଓ ବୁଦ୍ଧିମାନ ହୋଇଥିଲେ ବି ଈଶ୍ୱରଙ୍କ କୃପା ବିନା ଦାସ ପାଲଟିଯିବ’, ତେତିଶତମ ଉକ୍ତି ଦକ୍ଷାର ଥିଲା ‘ଯେ ସମସ୍ତଙ୍କୁ ସେବାକରେ, ପ୍ରେମ କରେ ହରି ତାଙ୍କୁ ଗୌରବ ମଣ୍ଡିତ କରିଥାନ୍ତି’। ଚଉତିରିଶତମ ଉକ୍ତିଟିକୁ ସ୍ମରଣ କରି ତୁଳସୀ କହିଲା ‘ପକ୍ଷୀ ରାତିରେ ଗଛ ଡାଳରେ ବିଶ୍ରାମ କରେ ଓ ସୂର୍ଯ୍ୟ ଉଦିତ ହେଲେ କୁଆଡ଼େ ଚାଲିଯାଏ, ସେହିପରି ପତ୍ନୀ, ସନ୍ତାନ, ଧନ, ସଂପତ୍ତି କୌଣସି ଖବର ନ ଦେଇ ଚାଲିଯାଆନ୍ତି ତେଣୁ ଶାଶ୍ୱତ ପରମାତ୍ମାଙ୍କୁ ପାଇବା ପାଇଁ ଧ୍ୟାନକର’। ପଞ୍ଚତିରିଶ ଉକ୍ତିକୁ କହିଥିଲା ବିଶ୍ୱବାରା ‘ଗ୍ରନ୍ଥ ପଢ଼ି କି ଲାଭ ଯଦି ତାହା ପାଳନ ନ ହୁଏ ଯାହାକି ବିଦ୍ୟାର ମାପକାଠି। ସେପରି ଲୋକ ଜଣେ ଡିଗ୍ରୀଧାରୀ ମୂର୍ଖ’। ଇନ୍ଦିରାର ଛତିଶତମ ମୁକ୍ତାଥିଲା ‘ନିଜର ସୁଖ, ଶାନ୍ତି ପାଇଁ ଯେତିକି ଲାଗିଛୁ ଅନ୍ୟର ସୁଖ ଶାନ୍ତି ପାଇଁ ସେତିକି ଚେଷ୍ଟାକର ଏହା ହିଁ ପ୍ରକୃତ ଦେବତ୍ୱ’। ସେ ଦିନର ସଫଳତମ ଯାତ୍ରା ଆଜି ବି ମନେପଡ଼େ। ସେଥି ନିମନ୍ତେ ତାଙ୍କର ଜନ୍ମ ଦିବସରେ ପ୍ରଶାନ୍ତି ଓ ଭଗବାନ ସତ୍ୟସାଇ ବାବାଙ୍କ ନିକଟରେ ଶତକୋଟି ପ୍ରଣାମ।


ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦,
ସିଡିଏ, କଟକ
ଦୂରଭାଷ : ୯୬୯୨୯୮୦୦୨୬


## ହୁଅନ୍ତୁ ପିଲାର ବନ୍ଧୁ

**॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି? ଯଦି ହଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ।

ଶିଶୁ ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କଜ୍ମିନ କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ।

ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରୀୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।


ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


## ଜ୍ୟେଷ୍ଠ ପୁତ୍ର ଓ ପୃଥିବୀ ମାଆ

**॥ ଅଜୟ କୁମାର ବେହେରା ॥**

ବସୁମତୀ, ଅନେକ ମାଆଙ୍କ ଭିତରୁ ଜଣେ ଦେବୀ ମାଆ। ପୃଥିବୀ ମାଆ ହିଁ ବସୁମତୀ ମାଆ। ତାଙ୍କର ପ୍ରଥମ ସନ୍ତାନ ହେଉଛି ସାଗର। ଯେ ମହାଦାମ୍ଭିମ ଓ ଗର୍ବୀ। ପୁଣି ତାଙ୍କ ଠାରୁ କେହି କ୍ଷେତ୍ରବଳୀ ନାହାଁନ୍ତି। କ୍ଷେତ୍ରର ଅଧିଶ୍ୱରମାନେ ଜମିଦାର ଏଥିରେ ସବୁଠାରୁ ବଡ଼ ଜମିଦାରୀରେ ସାଗର, ସପ୍ତସମୁଦ୍ରଙ୍କର ନାମ ରହିଛି। ରସାତଳ କୁହନ୍ତୁ ପାତାଳ କୁହନ୍ତୁ ଆଉ ପୃଥିବୀର ସର୍ବତ୍ର ନିଷେ ଭୂମି ଅଛି। ପାତାଳ ମାନେ ନିମ୍ନ ସ୍ଥାନ ପାଦତଳ, ରସାତଳ ମାନେ ରସର ତଳ ଏଠାରେ ଜଳକୁ ଆଧାର କରିଥିବା ମାଟି। ସମୁଦ୍ର ପତନ କହିଲେ ସମୁଦ୍ରର ଜଳ ଶୂନ୍ୟସ୍ଥାନରୁ ଉପରରୁ ଉପରୁ ଉଠିଥିବା ସ୍ଥାନ।

ଏହି ସମୁଦ୍ର ସାଗର ମହାରୁ ଉପ ପର୍ଯ୍ୟନ୍ତ ଅନେକ ନାମକରଣ ହେଲେ ମୋଟ ଧରିଲେ ସାଗର। ଏଇ ସାଗର ପୃଥି ମାତାଙ୍କର ପ୍ରଥମ ସନ୍ତାନ। ପୃଥିମାତାଙ୍କର ବ୍ୟାପକ ଭୂ ସମ୍ପତ୍ତି ଗର୍ଭରେ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ, ଗ୍ୟାସ ରହିଛି। ସବୁ ମାଆଙ୍କ ପରି ପୃଥି ମାଆ ତାଙ୍କ ପିଲାଙ୍କ ପାଇଁ ମାଟିତଳେ ପିଲାଙ୍କ ଭବିଷ୍ୟତ ପାଇଁ ଦ୍ରବ୍ୟ ରଖିଛନ୍ତି। ହେଲେ ଏସବୁ ଗୋପନ ଧନୁକୁ ଜୁଲମ କରି ଭୟଦେଖାଇ ଛଡ଼ାଇ ନେଇଛନ୍ତି ସାଗର। କୁହାଯାଏ ତିନିଭାଗ ଜଳ ଏକ ଭାଗ ମାଟି ପୃଥିବୀରେ ରହିଛି। ମାଆ ବସୁମତୀ ସନ୍ତାପରେ ସମୟ କାଟୁଛନ୍ତି। ସାଗରରେ ତୋର ପର ଭାଇଭଉଣୀଙ୍କ ପାଇଁ ମୁଁ କଣ ସମ୍ପତ୍ତି ଦେବୀ ତୁ ଏତେ ନେ ନା। ହେଲେ ସାଗରଙ୍କର ଜିଦ ଦାବୀରେ ଆହୁରି ନେବେ, ସମୁଦ୍ରଙ୍କୁ ଅର୍ଥ ତୃଷ୍ଣା ଛାଡୁନାହିଁ।

ମାଆଙ୍କର ମନ କଥାରୁ ଅନୁମାନ କରି ସାଗର କହୁଛନ୍ତି ମାଆ ମୁଁ ଅମର ହେଲେ ପରେ ପରେ ଯେ ଜନ୍ମ ସେମାନେ ମର। ସେମାନେ କଣ ପରମାୟୁ ମୋରି ପରି ପାଇଛନ୍ତି କି? କି ପାଇବେ କି? ସେମାନେ ବଂଶ ବୃଦ୍ଧି କଲେ ବି ସେ ବଂଶ ବି ସମୟୋନୁସାରେ କ୍ଷୟ ହେବ ହେଲେ ମୁଁ ଅକ୍ଷୟ। ମୁଁ ତୋ ଥିବା ଯାଏ ତୋର ସେବା କରିବି ସେମାନେ ଏପରି ଭରଷାଶୀଳ ନୁହଁ। ସନ୍ତାନ ମାୟା ସବୁ ସ୍ତ୍ରୀଲୋକଙ୍କର ଅଛି। ଏଥିରୁ ଆଦି ମାତାଙ୍କର କେମିତି ନରହିବ? ଦେବୀ ମାଆ ଜ୍ୟେଷ୍ଠପୁତ୍ର ଦ୍ୱାରା ସଦା ଚାପରେ ତପରେ ସାଗର ସର୍ବଦା ତଟରେ ଭୟଙ୍କର ଭାବରେ ପିଟି ହୋଇ ମାଟିକୁ ତା ଆଡ଼କୁ ଭିଡ଼ି ନେଉଛି। ଦେବୀ ମାଆଙ୍କର କ୍ରନ୍ଦନ ନିତ୍ୟ ଠାକୁରେ ଶୁଣ ଶୁଣ ଏହାର ପ୍ରତିକାର କର। ଭଗବାନ ଶୁଣିଲେ ସାଗର ତ୍ରାସ ଜନ୍ମ ନେଲେ। ତାଙ୍କ ନାମ ଅଗସ୍ତ୍ୟ। ଲୋକେ ତାଙ୍କୁ ଅଗସ୍ତି କହୁଛନ୍ତି। ଦିବ୍ୟ ବ୍ରାହ୍ମଣ ମହାତେଜସ୍ୱୀ ସ୍ଥିରଚେତ ଦୃଢ଼ ଧୈର୍ଯ୍ୟର ସେ ଜୀବନ୍ତ ରୂପ। ସେ ଏପରି ସାଧନ ବ୍ରତୀ ହେଲେ ସମୁଦ୍ର ଜଳକୁ ମନ୍ତ୍ରପୁତ କରି ଗୁଣ୍ଡୁଷେ ଜଳରେ ନିଶେଷ କରିଦେଲେ।

ଏବେ ସାଗର ଜାଣିଲେ ନରଙ୍କ ମଧରେ ବି ଏମିତି ବ୍ୟକ୍ତି ଆସିଲେ ଯେ ଅମାପ ଜଳକୁ ନିଶେଷ କରିଦେଲେ। ଏଇ ସାଗର ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ବର୍ଷାର କାରଣ ସାଗରରେ ଜଳ ନରହିଲେ ଜୀବଜଗତ ବୃକ୍ଷଲତା କେହି ବଞ୍ଚି ପାରିବେ ନାହିଁ। ଏପାଇଁ ଅଗସ୍ତି ଦେବ ଋଷ ଅନୁରୋଧରେ ସାଗରଙ୍କୁ ମୁଖରୁ ପୁଣି କାଢ଼ିଦେଲେ। ଏ ସାଗର ଜଳ ବ୍ରାହ୍ମଣ ଅଇଣ୍ଠା ଏ ତୀର୍ଥଜଳରେ ଆସେ ମାତ୍ର ଗଙ୍ଗା ଯମୁନା ଗୋମତୀ ନର୍ମଦା ଜଳ ପରି ପବିତ୍ର ନୁହଁନ୍ତି। ପୃଥିମାତାଙ୍କ ଆଶ୍ୱାସନା ମିଳିଲା ଯେ ସାଗରକୁ ତ୍ରାସ ଏମିତି ବି ତାଙ୍କର ପିଲା ଜଣେ ଜନ୍ମ ନେଇଛି। ସାଗରଙ୍କ ଡର ହେଲା ସେ ତାଙ୍କର ସ୍ଥିତି ପରିସୀମା ବୁଝିଗଲେ। ସେ ବି ବଡ଼ଭାଇ ନାମ ମଣିଷଙ୍କ ପାଇଁ କରିଚାଲିଛନ୍ତି। ସାଗର ନଥିଲେ ଅନେକ ଅସୁବିଧା ସଂସାରରେ ହୁଅନ୍ତା। ମାଆ ଖୁସି ତାଙ୍କର ପୁଅମାନେ ଏମିତି ହେବେ ଏକଥା ସେ ସଦା ସେ ବ ଚାଲିଲେ। ସାଗରରେ ତରୀ ଗଲାଣି, ପୋତ, ଜାହାଜ କେତେ କଣ? ସାଗର ବଡ଼ଭାଇ କମାରେ ବି ଅଛନ୍ତି।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ନାରାୟଣପାଟଣାରେ ଶିଶୁ ମଡ଼କ ଥମିବାର ନାଁ ଧରୁନି

- ପୁଣି ଦୁଇ ଶିଶୁ ମୃତ
- ଗଣମାଧ୍ୟମକୁ ଲୁଚାଯାଉଛି ତଥ୍ୟ
- ଆଉଷ ଡାକ୍ତରଙ୍କ ଭରସାରେ ସ୍ୱାସ୍ଥ୍ୟ ସେବା

**ନାରାୟଣପାଟଣା,(ମହାଭାରତ) :** କୋରାପୁଟ ଜିଲ୍ଲାର ନାରାୟଣପାଟଣାରେ ଦୁଇ ଦିନ ମଧ୍ୟରେ ପୁଣି ଦୁଇ ଶିଶୁଙ୍କର ମୃତ୍ୟୁ ଘଟିଛି । ଗତ କାଲି ବ୍ରହ୍ମପୁର ଏମ୍ କେ ସି ଜିରେ ଜଣେ ୫ ବର୍ଷର ଶିଶୁ ମୃତ୍ୟୁବରଣ କରିଥିବା ବେଳେ ଆଜି ବିକ୍ରମପୁର ଗ୍ରାମରେ ୫ ବର୍ଷର ଶିଶୁ କନ୍ୟା ମୃତ୍ୟୁ ବରଣ କରିଛି । ବ୍ଲକର ବୋରିଗୀ ପଞ୍ଚାୟତର ଜାମଡ଼ାୱାଲସା ଗ୍ରାମର ଶେଙ୍କାର ରାଓ ତାଡ଼ିଙ୍ଗିଙ୍କର ୫ ବର୍ଷର ପୁଅ ଇଶାକ୍ ତାଡ଼ିଙ୍ଗି ଙ୍କୁ ଗତ ବୁଧବାର ଦିନ ଅର୍ଥାତ୍ ୨୫ ତାରିଖ ଦିନ ଗଳା ଫୁଲି ଗୁରୁତର ହେବାରୁ ନାରାୟଣାପଟଣା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା । ସେଠାରୁ ସେହି ଦିନହିଁ ବ୍ରହ୍ମପୁର ଏମ୍ କେ ସି ଜି କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଗତ କାଲି ଅପରାହ୍ନରେ ସେ ମୃତ୍ୟୁବରଣ କରିଥିବା ବେଳେ ଆମ୍ବୁଲାନ୍ସ ଯୋଗେ ମର ଶରୀରକୁ ଗାଁ କୁ ନିଆ ଯାଇଥିଲା । ଆଜି ସକାଳେ ଶବ ସତ୍କାର କରାଯାଇଥିଲା । ସେହି ପରି ବିକ୍ରମପୁର ଗ୍ରାମର ସାଇବାଣୀ ପଞ୍ଚିଡ଼ିଆଙ୍କର ୫ ବର୍ଷର ଝିଅ ବାସନ୍ତୀ ପଞ୍ଚିଡ଼ିଆ ଙ୍କୁ ସ୍ଥାନୀୟ ମେଡ଼ିକାଲକୁ ନିଆଯାଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ତେବେ ଗତ ସପ୍ତାହରେ ଗତିଗୁଡ଼ା ଗ୍ରାମରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ବର୍ତ୍ତମାନ ସୁଧା ମୃତ୍ୟୁର କାରଣ ନିମୋନିଆ, ରକ୍ତ ହୀନତା ଓ ଅନ୍ୟକାରଣ ବୋଲି ଦର୍ଶାଯାଉଛି । ଗତ କାଲି ମୃତ୍ୟୁବରଣ କରିଥିବା ଇଶାକ୍ ତାଡ଼ିଙ୍ଗିଙ୍କୁ ଗଳା ଫୁଲିଥିବା ପରିବାର ଲୋକେ କହିଛନ୍ତି । ଡ଼ିପଥେରିଆ ସନ୍ଦେହ ଅଞ୍ଚଳବାସୀଙ୍କୁ ଆତଙ୍କିତ କରୁଥିବା ଓ ଏହି ରୋଗ ବାୟୁ ଦ୍ୱାରା ସଂକ୍ରମିତ ହେଉଥିବା ବେଳେ ମୃତ୍ୟୁବରଣ କରିଥିବା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ପିଲାମାନଙ୍କୁ ଆଗୁଆ ସତର୍କତା ଅବଲମ୍ବନ କରାଯାଇ ଚିକିତ୍ସା କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜାରୀ ରହିଛି । ଅନ୍ୟପଟେ ବନ୍ଧୁଗାଁ ଓ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ମାନଙ୍କୁ କୌଣସି ସୂଚନା ମାଗିଲେ ଗଣମାଧ୍ୟମକୁ ଦିଆଯାଉ ନାହିଁ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ହିଁ ସୂଚନା ଦେଇପାରିବେ ବୋଲି କୁହା ଯାଉଛି । ଗଣମାଧ୍ୟମକୁ ସୂଚନା ଦିଆଯାଉନଥିବା ପଛରେ ରହସ୍ୟକୁ ନେଇ ଗଣମାଧ୍ୟମ ମହଲରେ ସନ୍ଦେହ ପ୍ରକଟ ହେଉଛି । ରୋଗର କାରଣ ସଂମ୍ପର୍କରେ ତଥ୍ୟ ଲୁଚା ଯାଉନାହିଁତ, ତାହାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହେଉଛି । ଅନ୍ୟ ପଟେ ଯେଉଁ ଗ୍ରାମରେ ଶିଶୁ ଙ୍କ ମୃତ୍ୟୁ ହେଉଛି ଉକ୍ତ ଗାଁ ଗୁଡ଼ିକରେ ସ୍ୱାସ୍ଥ୍ୟ ବିଭାଗ ସହ ବ୍ଲକ ପ୍ରଶାସନ ମଧ ପହଞ୍ଚି ଟିକିନିକି ତଥ୍ୟ ସଂଗ୍ରହ କରିବା ସହ ପିଆର୍ ଆଇ ମେମ୍ବର ମାନଙ୍କ ସହ ଆଲୋଚନା କରି ସଚେତନ କରାଯାଉଛି । କୌଣସି ଶିଶୁ ମୃତ୍ୟୁ ମୁଖରେ ନ ପଡ଼ିବା ପୁର୍ବରୁ ପ୍ରତ୍ୟେକ ଗ୍ରାମରେ ସଚେତନତାର ଆବଶ୍ୟକତା ଜରୁରୀ ହୋଇପଡ଼ିଛି ।

# ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟି ଓ ତାର ବିପଦ ସଙ୍କୁଳ



**ବାଲିଗୁଡ଼ା,(ମହାଭାରତ) :** ବାଲିଗୁଡ଼ା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ରାସ୍ତା ରେ ବିଦ୍ୟୁତ୍ ଖୁଣ୍ଟି ବିପଦ ସଙ୍କୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ଦିନ ସକାଳ ଠାରୁ ରାତିରେ ପର୍ଯ୍ୟନ୍ତ ସ୍ଥାନୀୟ ଲୋକ ଏଇ ରାସ୍ତାରେ ଯିବା ଆସିବା କରନ୍ତି ହେଲେ ବିଦ୍ୟୁତ୍ ଖୁଣ୍ଟିଟି ଏଭଳି ପରିସ୍ଥିରେ ଅଛି ଯେ କାଳ ବୈଶାଖୀରେ ତାଣ୍ଡବରେ କେତେବେଳେ କାହା ଉପରେ ପଡ଼ିଯିବା ଆଶଙ୍କା କରୁଛନ୍ତି ସ୍ଥାନୀୟ ଲୋକ । ଏଭଳି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି ବାଲିଗୁଡ଼ା ଉପ ଜିଲ୍ଲାପାଳଙ୍କ ପାର୍ଶ ରାସ୍ତାରେ ଥିବା ବିଦ୍ୟୁତ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ ରାସ୍ତାରେ କେବଳ ଦୁଇ ଫୁଟ ଉଚ୍ଚତାରେ ବିଦ୍ୟୁତ୍ ତାର ଝୁଲିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ୍ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ଯେ ଖୁଦ୍ ଅନେକ ଦିନ ହେଲାଣି ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ପାର୍ଶରେ ବିଦ୍ୟୁତ୍ ଖୁଣ୍ଟି ସହିତ ବିଦ୍ୟୁତ୍ ତାର ତଳକୁ ଝୁଲି ଥିବାରୁ ଅଞ୍ଚଳବାସୀ ସହିତ ଏହି ଅଞ୍ଚଳର ଥିବା ଗୃହପାଳିତ ପଶୁଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରାଯାଉଛି । ସେହି ରାସ୍ତାର ବିପରିତ ପାର୍ଶ୍ୱରେ କୋର୍ଟ ଓ ବାର ଆସୋସେନ ଥିବା ବେଳେ ଅଦାଲତକୁ ପ୍ରତିଦିନ କେଶ ମକୋଦମା ପାଇଁ ଉପଖଣ୍ଡରୁ ଲୋକ ଆସନ୍ତି ଆଉ ସେହି ସ୍ଥାନରେ ଆଶ୍ରୟ ମଧ ନେଇଥାନ୍ତି ।ସେହିପରି ଆର ପାଶ୍ୱରେ ବ୍ଲକ କାଯ୍ୟାଳୟ ମଧ ରହିଥିବା ଦେଖିବାକୁ ମିଳିଛି । ଆହୁରି ମଧ ଲୋକଙ୍କ ଅଭିଯୋଗ ଯେ ବାଲିଗୁଡ଼ା ବିଦ୍ୟୁତ ବିଭାଗର ଥିବା ଟାଟା ପାୱାରର ଏଥି ପ୍ରତି ନିଘା ନାହିଁ ।ସବୁ ଜାଣି ମରାମତି କରୁ ନାହାନ୍ତି ଟାଟା ପାୱାର କର୍ମଚାରୀ ଏହାର ସ୍ଥାୟୀ ସମାଧାନ କରୁନଥିବା ଅଭିଯୋଗ ହେଉଛି । ଆଗାମୀ ଦିନରେ ଏ ସ୍ଥାନରେ କିଛି ଅଘଟଣ ଘଟେ ତେବେ ଏଥି ପାଇଁ ଦାୟୀ କିଏ ହେବ ବୋଲି ପ୍ରଶ୍ନ ଉଠାଇଛନ୍ତି ଜନସାଧାରଣ ? ତୁରନ୍ତ ଏହାର ସମାଧାନ କରିବା ପାଇଁ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ ।ନଚେତ ଆଗାମୀ ଦିନରେ ଏହା ଜନ ଆନ୍ଦୋଳନ ରେ ପରିଣତ କରାଯିବାକୁ କହିଛନ୍ତି ବାଲିଗୁଡ଼ା ର ଆଇନଜୀବୀ ।ଏହିଭଳି ଭାବରେ ବାଲିଗୁଡ଼ା ଅଚଂଳରେ ବହୁତ ସ୍ଥାନରେ ବିପଦ ସଙ୍କୁଳ ଭାବରେ ପୋଲ ଓ ତାର ଝୁଲୁଥିବା ଲୋକେ ଅଭିଯୋଗ କରିଛନ୍ତି ତେଣୁ ଟାଟା ପାୱାର ଖୁବଶୀଘ୍ର ଏହାର ସମାଧାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଉଅଛି ।

# ଦେବଗଡରେ ରଥ ଯାତ୍ରା ପାଇଁ ବୈଠକ



**ଦେବଗଡ, (ମହାଭାରତ) :** ସୁକ୍ରବାର୍ ଦିନ,ସବୁ ବର୍ଷ ପରି ଏ ବର୍ଷ ମଧ ପବିତ୍ର ରଥ ଯାତ୍ରା କୁ ଆଗକୁ ଦେଖି ଏକ ବୈଠକ ହୋଇଯାଇଛି । ଦେବଗଡ ଜିଲ୍ଲା ର ରଥ ଯାତ୍ରା ଟି ଜୁଲାଇ ୭ରୁ ଜୁଲାଇ ୨୦ତାରିଖ ପର୍ଜନ୍ତ୍ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ରଥଯାତ୍ରା କମିଟିର ସଭ୍ୟ ଓ ଜିଲ୍ଲା ପ୍ରଶାସନ ସଂପୃକ୍ତ ବିଭିନ୍ନ ଅଧିକାରୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଉପଜିଲ୍ଲାପାଳ ପରକ୍ଷିତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଉପଜିଲ୍ଲାପାଳ ଶ୍ରୀ ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ପବିତ୍ର ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ?। ରଥଯାତ୍ରା କମିଟିର ସଦସ୍ୟ ଓ ରଥ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ?। ଉପଜିଲ୍ଲାପାଳ ଶ୍ରୀ ସାହୁ ରଥଯାତ୍ରାରେ ରାସ୍ତାରେ ବିଜୁଳି ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଜଳଯୋଗାଣ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରୋହ ବ୍ୟବସ୍ଥା, ରାସ୍ତା କଡର ଖାଦ୍ୟ, ରାସ୍ତାରେ ଅଳିଆ ଆବର୍ଜନା ପାଇଁ ଡଷ୍ଟବିନ ର ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ଆମ୍ବୁଲାନ୍ସ ସେବା ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଏସଡିପିଓ ସୌମ୍ୟରଂଜନ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ବିଶ୍ୱ ମୋହନ ମିଶ୍ର, ସହକାରୀ ଯନ୍ତ୍ରୀ ପାନୀୟ ଜଳ ନେତ୍ରାନନ୍ଦ ସାହୁ, ଡିଏସପି ଡିଆଇଭି ପବିତ୍ର କିସାନ, ଭାରପ୍ରାପ୍ତ ଦେବଗଡ଼ ଥାନା ଅଧିକାରୀ ସରୋଜ କୁମାର ସେଠୀ,ପୋଲିସ ବିଭାଗୀୟ ଅଧିକାରୀ ,ଜଗନ୍ନାଥ ମନ୍ଦିର ସଭାପତି ପ୍ରଣୟ କୁମାର ପୁରୋହିତ ଓସମସ୍ତ ଜଗନ୍ନାଥ କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଦେବଗଡ଼ରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**ଦେବଗଡ,(ମହାଭାରତ) :** ଆଗକୁ ଥିବା ଜୁଲାଇ ମାସ ୨୫ ତାରିଖ ଦିନ ରାଜ୍ୟସ୍ତରୀୟ ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଦେବଗଡ଼ ଜିଲ୍ଲାରେ ସୂଚନା କେନ୍ଦ୍ର ଓ ସଂସ୍କୃତି ଭବନ ଠାରେ ଜୁଲାଇ ୫ ତାରିଖ ଦିନ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ତଥା ଇଂରାଜୀ ରୁ ଓଡ଼ିଆ ଅନୁବାଦ ପ୍ରତିଯୋଗୀତା ସକାଳ ୯ ଘଟିକା ସମୟରେ ଅନୁଷ୍ଠିତ ହେବ । ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୩ ଜଣ ଛାତ୍ରଛାତ୍ରୀଙ୍କ ନାମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ କୁ ଜୁଲାଇ ୪ ତାରିଖ ସୁଦ୍ଧା ପଠାଇବା ପାଇଁ ସଂପୃକ୍ତ ବିଦ୍ୟାଳୟର ମୁଖ୍ୟଙ୍କୁ ଅନୁରୋଧ କରାଯାଉଛି । ଏହି ପ୍ରତିଯୋଗିତା ଦୁଇଟି ବର୍ଗରେ ଅନୁଷ୍ଠିତ ହେବ । ଯଥା କନିଷ୍ଠ ବର୍ଗ (ଷଷ୍ଠ ରୁ ସପ୍ତମ) ଓ ବରିଷ୍ଠ ବର୍ଗ ( ଅଷ୍ଟମ, ନବମ ଓ ଦଶମ ) । ଉକ୍ତ ପ୍ରତିଯୋଗିତାରେ ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା କନିଷ୍ଠ ବର୍ଗ ଛାତ୍ରଛାତ୍ରୀମାନେ ତା.୧୪.୦୭.୨୦୨୪ ଓ ବରିଷ୍ଠ ବର୍ଗ ଛାତ୍ରଛାତ୍ରୀମାନେ ତା.୧୭.୦୭.୨୦୨୪ ଦିନ ପୂର୍ବାହ୍ନ ୧୦ ଘଟିକା ସମୟରେ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଆୟୋଜିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ।

# ରୁଙ୍ଗଟା କମ୍ପାନୀରେ ପୁଣି ଅଘଟଣ

**ହିନ୍ଦୋଳ,(ମହାଭାରତ) :** ଝାଡବନ୍ଧ ରୁଙ୍ଗଟା କମ୍ପାନୀରେ ପୁଣି ଅଘଟଣ ।କୋଲଡ ୱାସରି ପ୍ଲାଣ୍ଟ ଉପରୁ ପଡି ଯୁବ ଇଞ୍ଜିନିୟର ଗୁରୁତର। ଇଞ୍ଜିନିୟର ଜଣଙ୍କ ହେଉଛନ୍ତି ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନ ଶିବପୁର ପଞ୍ଚାୟତ କୁଚିଳାମଡା ଗାଁର ନନ୍ଦ କିଶୋର ବେହେରା। ଗତକାଲି ରାତିରେ ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ସମୟରେ ଉପରୁ ଖସି ପଡ଼ିଥିଲେ ।ତାଙ୍କୁ ତୁରନ୍ତ ଅନୁଗୁଳ ଡାକ୍ତରଖାନା ରେ ଭର୍ତ୍ତି କରାଯାଇଥିଲା ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।ତାଙ୍କ ମୁଣ୍ଡ, ଗୋଡ଼,ପିଞ୍ଜରାରେ ଗଭିର ଆଘାତ ଲାଗିଥିବା ପରିବାର ପକ୍ଷରୁ ପ୍ରକାଶ। ସୂଚନା ଅନୁଯାୟୀ ନନ୍ଦକିଶୋର ପଲସର ନାମକ ଠିକାସଂସ୍ଥା ମନୋଜ ରାଉତଙ୍କ ପାଖରେ କାମ କରୁଥିଲେ। ରୁଙ୍ଗଟା କମ୍ପାନୀରେ ବାରମ୍ବାର ଦୁର୍ଘଟଣା ଘଟିବା ଫଳରେ କମ୍ପାନୀର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ପ୍ରଶାସନ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ନୀରିହ ଲୋକମାନଙ୍କର ଧନ ଓ ଜୀବନ ନଷ୍ଟ ହେଉଥିବାରେ ଲାଗିଛି।

# ବଜ୍ରାଘାତରେ ମୃତ ପରିବାରକୁ ସହଯୋଗର ହାତ ବଢ଼ାଇବା ସ୍ୱେଚ୍ଛାସେବୀ ସଂଗଠନ

**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଚିଓଲପୁର ଗ୍ରାମର ମୋହନ ବେହେରା ଗତକାଲି ବଜ୍ରାଘାତରେ ମୃତ୍ୟୁ ବରଣ କରିଥିଲେ ସେ ଜଣେ ଦିନ ମଜୁରିଆ ଥିଲେ । ପାରିବାର ର ମହୋନ ଥିଲେ ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ତାଙ୍କର ପାଞ୍ଚ ବର୍ଷ ର ପୁଅ ଏବଂ ତିନି ବର୍ଷର ଏକଛୋଟ ଝିଅ ଅଛି ।ମୋହନଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ନିସଃହାୟ ହୋଇ ପଡିଥିବାବେଳେ ସାହାଯ୍ୟର ହାତବଢାଇଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଛୋଟଏକ ପ୍ରୟାସ ।ଅନୁଷ୍ଠାନ ତରଫରୁ ଡାଲି , ଚାଉଳ, ଚିନି,ଚୁଡ଼ା ଇତ୍ୟାଦି ପ୍ରଦାନ କରାଯାଇଥିବା ବେଳେ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି ସଂଗଠନର ସଦସ୍ୟ। ଏଭଳି ସମୟରେ ସଂଗଠନ ସାହାଯ୍ୟର ହାତ ବଢ଼ାଇଥିବାରୁ ପ୍ରଶଂସାର ସୁଅ ଛୁଟିଛି ।

# ଭିକ୍ଷାବୃତ୍ତି ନୁହେଁ, ପରିଶ୍ରମରେ ଚଳୁଛି ପରିବାର

**ବେଗୁନିଆ,(ମହାଭାରତ) :** ବଡ଼ ଦେଉଳରେ ଅଛନ୍ତି ଅଧାଗଢ଼ା ଜଗନ୍ନାଥ ହାତ ପାଦ ନାହିଁ ସତ ହେଲେ ସର୍ବନିୟନ୍ତା। ସାରା ଜଗତକୁ କରୁଛନ୍ତି ଉଦ୍ଧାର। ସେହିପରି ମହାପ୍ରଭୁଙ୍କ ନା ନାମଧାରୀ ଜଣେ ବ୍ୟକ୍ତି ହେଲେ ବାଘମାରୀ ଗ୍ରାମର ଜଗନ୍ନାଥ ଦାଶ । ମହାପ୍ରଭୁ ଜଗନ୍ନାଥଙ୍କୁ କାରିଗର ଅଧା ଗଢ଼ି ଥୁବାବେଳେ, ବାଘମାରୀର ଜଗାକୁ ମଧ ଠାକୁର ଅଧା ଗଢ଼ିଛନ୍ତି। ତାଙ୍କର ଗୋଡ଼ ଅଛି ହେଲେ ହାତ ଅଧା ଗଢ଼ା, ତଥାପି ସେ ଜୀବନ ଯୁଦ୍ଧରେ ହାର ମାନି ନାହାନ୍ତି। ନିଜର ଭିନ୍ନକ୍ଷମ ନ୍ନକ୍ଷମତାକୁ ଅକ୍ଷମତା ନ ଭାବି ଦୋକାନ ଖଣ୍ଡେ କରି ନିଜେ ସକ୍ଷମ ବୋଲି ପ୍ରମାଣିତ କରିଛନ୍ତି। ପିଲାଟି ଦିନରୁ ନରୁ ପାଠ ପଢ଼ା ପ୍ରତି ଆଗ୍ରହ ଦେଖାଇଥିବା ଜଗନ୍ନାଥ ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟରୁ ଯୁକ୍ତଦୁଇରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚାକିରି ପଛରେ ଗୋଡ଼େଇ ନିରାଶ ହେବାପରେ ଶେଷରେ ପରିବାର ଚଳାଇବା ପାଇଁ ସେ ବେପାର ବୃତ୍ତିକୁ ଆପଣେଇଛନ୍ତି। ଗାଁରୁ ହାତ ଉଧାରୀ ସୁଧ ଆଣି ଛୋଟ ଦୋକାନଟିଏ କରିଛନ୍ତି । ସେଥୁ ଯାହା ରୋଜଗାର ହଉଛି କଷ୍ଟମଷ୍ଟେ ତାଙ୍କର ଚାରି ପ୍ରାଣୀ କୁଟୁମ୍ବ, ଚଳିଯାଉଛି ବୋଲି ସେ କୁହନ୍ତି। ସେ କୌଣସି ଭିକ୍ଷାବୃତ୍ତି ନକରି ସ୍ୱାଭିମାନର ସହ ପରିଶ୍ରମ କରି ପରିବାର ଚଳାଉଥିବା କହିଛନ୍ତି । ଏଥିସହ ଭିନ୍ନକ୍ଷମଙ୍କ ପାଇଁ ଲାଗୁ ହୋଇଥିବା ସମସ୍ତ ସରକାରୀ ଯୋଜନା କିପରି ତାଙ୍କ ପାଖରେ ପହଞ୍ଚିବ ସେ ଦିଗରେ ସରକାର ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

# ମହିମା ଧର୍ମ ପ୍ରଚାର ପାଇଁ ଜିଲ୍ଲାରୁ ଜିଲ୍ଲା ବୁଲୁଛନ୍ତି ସନ୍ୟାସୀ



**ଅନୁଗୁଳ,(ମହାଭାରତ) :** ବୟସ ୮୦ରୁ ଉର୍ଦ୍ଧ ହେଲାଣୀ ହାତରେ ବଙ୍କୁଲି ବାଡୀ କାନ୍ଧରେ ପଡିଛି ଏକ ମୁଣି ଆଉ ଗୋଟାଏ ହାତରେ ଧରିଛନ୍ତି କମଣ୍ଡଳ ଡାଳ ,ଦେହରେ ପିନ୍ଧିଛନ୍ତି ଗେରୁଆ ଲୁଗା ଦୁଇଟି । ଏହି ମହିମା ଧର୍ମୀ ସନ୍ୟାସୀ ଜଗନ୍ନାଥ ଦାସ ଅନୁଗୁଳ ଜିଲ୍ଲାରେ ଥିବା ଖଳିଆପାଲି ଭିମଭୋଇ ମହିମା ଗାଦିର ଗୁରୁ ଅନ୍ତଯ୍ୟାମି ଙ୍କ ନିକଟରେ ୧୦ବର୍ଷ ବୟସରୁ ଶିଷ୍ୟତ ଗ୍ରହଣ କରିଥିଲେ । ସେ ଜିଲ୍ଲାକୁ ଜିଲ୍ଲା ପାଦରେ ଚାଲିଚାଲି ଅଲେଖ ମହିମା ଧର୍ମର ପ୍ରଚାର ପ୍ରସାର କରୁଛନ୍ତି । ସନ୍ୟାସୀ ଜଗନ୍ନାଥ ଦାସ ଅନୁଗୁଳ ଜିଲ୍ଲାରୁ ଆଜକୁ ପ୍ରାୟ ଏକମାସ ହେବ ନିଜର ପଦଯାତ୍ରା ରେ ବାହାରି ରେଢାଖୋଲ , ବଉଦ୍ଧ, କନ୍ଧମାଳ, ରାଇକିଆ, ନୂଆଗାଁ, ବାଲିଗୁଡା ଠାରେ ପହଁଚି ମା ବରାଳଦେବୀ ମନ୍ଦିର ପିଠରେ ଆଶ୍ରୟ ନେଇଛନ୍ତି ।ଦିନରେ ପଦଯାତ୍ରା କରି ଯେଉଁଠାରେ ରାତ୍ର ସମୟ ହୁଏ ସେଠାରେ ରାତ୍ରିଯାପନ କରୁଥିବା ସେ ପ୍ରକାଶ କରିଛନ୍ତି ।କନ୍ଧମାଳ ଜିଲ୍ଲାରେ ଲଗାଣ ବର୍ଷା ଚାଲିଥିବା ବେଳେ ସେ ନିଜର ବଙ୍କୁଲିବାଡୀ ଓ ମୁଣ୍ଡରେ ତଲାରି ମୁଣ୍ଡାଇ ବର୍ଷାକୁ ଖାତିରି ନକରି ଥର,ଥର ହୋଇ ନିଜର ପଦଯାତ୍ରାକୁ ଆଗକୁ ବଢାଇଛନ୍ତି ।ଆମେ ପଚାରିଲୁ ଆପଣଙ୍କୁ ୮୦ବର୍ଷରୁ ଉଦ୍ଧ ହେଲାଣି ଆପଣଙ୍କ ପଦଯାତ୍ରା ସଫଳ ହେବତ ସେ ଥରି ଥରି ଉତ୍ତର ଦେଲେ ମୁଁ ଚାଲୁନାହିଁ ସେ ପ୍ରଭୁ ମୋତେ ଚଲାଉଛନ୍ତି ତେଣୁ ମୋର ଯାତ୍ରା ନିଶ୍ଚିତ ସଫଳ ହେବ । ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗୀ ଏବେ ମଧ ଜୀବିତ ଅଛି ଲୋକେ ଏବେ ମଧ ଭାଗବତ ଶୁଣିବାକୁ ଆଗଭର ଅଛନ୍ତି କିନ୍ତୁ ସମୟର ଚକ୍ରରେ ଯୁବପିଢି ପଥଭ୍ରଷ୍ଟ ହୋଇ ଭାଗବତ ବଦଳରେ ସିନେମା, ନାଚ ଦେଖିବାକୁ ଭଲପାଆନ୍ତି ସରକାର ସବୁ ଗ୍ରାମରେ ଭାଗବତ ଟୁଙ୍ଗୀ କଲେ ଯୁବପିଢି ଭଲ ରାସ୍ତା ବାଛିପାରିବେ ପ୍ରଭୁଙ୍କୁ ଭକ୍ତି କରିପାରିବେ ବୋଲି ମୋର ସରକାର ଙ୍କ ନିକଟରେ ପ୍ରାର୍ଥନା । ବାଲିଗୁଡାରେ ରାତ୍ରୀଯାପନ ପରେ ସେ ମୁନିଗୁଡା,ବିଷମକଟକ, ରାୟଗଡା, ଦେଇ କଳାହାଣ୍ଡି ଅଭିମୁଖେ ଯିବାକୁ ପ୍ରତିକ୍ରୀୟାରେ କହିଛନ୍ତି ।

# ରଥଯାତ୍ରା ପାଇଁ ରାଜ ଦାଣ୍ଡରେ ରାସ୍ତା ନିର୍ମାଣ ଲାଗି ବିଜେଡିର ଦାବିପତ୍ର

**ପାରଳାଖେମୁଣ୍ଡି,(ମହାଭାରତ) :** ପ୍ରତ୍ୟେକ ବର୍ଷ ରଥଯାତ୍ରା ହୋଇ ଆସୁଛି। ଭକ୍ତ ଗଜପତି ଜିଲ୍ଲା ଓ ଏହି ଜିଲ୍ଲାର ଆଖପାଖ ଜିଲ୍ଲା ସମେତ ପୋଡ଼ଶୀ ଆନ୍ଧ୍ରପ୍ରଦେଶରୁ ଭକ୍ତ ଶ୍ରଦ୍ଧାଳୁ ଅସିଥାନ୍ତି ।ରଥଯାତ୍ରା ରେ ରଥ ଟଣା ଆରମ୍ଭ ପୂର୍ବରୁ ରାଜଦାଣ୍ଡରେ ନୂତନ ରାସ୍ତା ନିର୍ମାଣ ହୋଇଥା ଏ ନେଇ ବିଜେଡି ପକ୍ଷରୁ ରାସ୍ତା ନିର୍ମାଣ କୁ ଦାବି କରାଯାଇ ସ୍ଥାନୀୟ ରାଜନହରରେ ଏକ ଶୋଭାଯାତ୍ରା ରେ ବାହରୀ ଗଜପତି ଜିଲ୍ଲା ପାଳ ସ୍ମୃତି ରଞ୍ଜନ ପ୍ରଧାନ ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।ରାସ୍ତା ନିର୍ମାଣ ରେ ବିଳମ୍ବ ଘଟିଲେ କିମ୍ବା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ମୁଳ ପନ୍ଥା ଅବଲମ୍ବନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି ।ପାରଳା ନଗର ବିଜେଡି ସଭାପତି ସୁଧୀ ରଞ୍ଜନ ଙ୍କ ମହାପାତ୍ର ଙ୍କ ନେତୃତ୍ୱରେ ବିଜେଡିର ସମସ୍ତ ନେତୃବୃନ୍ଦ ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ ।ଅନ୍ୟ ପକ୍ଷରେ ପାରଳା ସହରରେ ରଥଯାତ୍ରା ନିମନ୍ତେ ସଡକ ନିର୍ମାଣ କରାଯାଇଥାଏ। ଚଳିତ ବର୍ଷ ମଧ ରାସ୍ତା କାମ ଆରମ୍ଭ କରାଯାଇଥିଲା। ହେଲେ ସେହି ଦିନ ରାତିରେ ବର୍ଷା ହେଉଥିବା କାରଣରୁ କିଛି ନିର୍ବାଚିତ ପ୍ରତିନିଧି ଓ ଅଞ୍ଚଳବାସୀ ଏହାକୁ ପ୍ରତିବାଦ କରିବା ସହ ତୀବ୍ର ବିରୋଧ କରିଥିଲେ ।ଯାହାକୁ ନେଇ ରାସ୍ତା କାମ ବନ୍ଦ ହୋଇ ଥିଲା।

# ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ସଚେତନତା ବୈଠକ



**ଗଜପତି,(ମହାଭାରତ) :** ଗଜପତି ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ଉଚ୍ଛେଦ ଓ କିଶୋର ଶ୍ରମିକ ମାନଙ୍କ ବିପଦ ସଙ୍କୁଳ କାର୍ଯ୍ୟରେ ନିରାକରଣ ନିମନ୍ତେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଡ଼.ଗୁଣନିଧି ନାୟକ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି, ଶ୍ରୀ ସୁନୀଲ କୁମାର ମହାନ୍ତି,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗଜପତି, ଡ଼.ମାୟାଧର ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ, ଶ୍ରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶ୍ରୀ ଅଶ୍ୱିନି କୁମାର ତ୍ରିପାଠୀ,ଜିଲ୍ଲା ମଙ୍ଗଳ କମିଟି, ଅଧ୍ୟକ୍ଷ ଓ ଶ୍ରୀମତୀ ବୈଶାଳୀ ପଟ୍ଟନାୟକ, ପ୍ରକଳ୍ପ ସଂଯୋଜକ, ଚାଇଲ୍ଡ ଲାଇନ୍, ଗଜପତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ କହିଥିଲେ ଯେ ଶିଶୁ ଶ୍ରମିକ ଉଚ୍ଛେଦ ନେଇ ସମ୍ବିଧାନରେ ଉଲ୍ଲେଖ ଥିବା ମୌଳିକ ଅଧିକାର ସମେତ ବିଭିନ୍ନ ଧାରା ବିଷୟରେ ଆଲୋକପାତ କରିଥିଲେ। ଏହା ସହିତ ସମାଜରେ ଶିଶୁଙ୍କୁ ଶ୍ରମ କ୍ଷେତ୍ରରେ ନିୟୋଜିତ କରିବାର ମାନସିକତା ଦୂର କରିବାର ଆବଶ୍ୟକ ?ତା ରହିଛି ଓ ଏଥି ନିମନ୍ତେ ସମସ୍ତଙ୍କର ସହଭାଗିତା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। ଶିକ୍ଷା ପ୍ରତି ସଚେତନତା ସାଙ୍ଗକୁ ଉପଯୁକ୍ତ ତଦାରଖ ମାଧ୍ୟମରେ ଏହା ଲୋପ ପାଇପାରିବ ଓ ଶିଶୁଟିଏ ନିଜର ଭବିଷ୍ୟତ ଗଠନ ଦିଗରେ ଆଗେଇ ପାରିବ ବୋଲି ମଧ ସେ ମତପ୍ରକାଶ କରିଛନ୍ତି । ଏହି ଅବସରରେ ବିଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ଭାରତୀ ବେହେରା ଶିଶୁ ଶ୍ରମିକ ଉଚ୍ଛେଦ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ବୋଲି ସେ ସୂଚନା ଦେଇଥିଲେ । ଏଥି ନିମନ୍ତେ ଜିଲ୍ଲା ଶ୍ରମ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏତଦ୍ ବ୍ୟତୀତ, ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପଲାଇନ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ ନମ୍ବର ୧୦୯୮ କୁ ଯୋଗାଯୋଗ କରିବାରେ ବୋଲି ମଧ ସେ ସୂଚନା ଦେଇଛନ୍ତି। ବିଭିନ୍ନଅନୁଷ୍ଠାନରୁ ଯୋଗ ଦେଇଥିବା ସଭ୍ୟ ସଭ୍ୟାମାନେ ସେମାନଙ୍କର ଅଭିଜ୍ଞତା ପ୍ରଦାନ କରିବା ସହ ଏହା ସହ ଯୋଡ଼ିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶ୍ରୀ ସୁକାନ୍ତ କୁମାର ପଣ୍ଡା,ମଙ୍ଗଳ ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ସମେତ ଅନ୍ୟ ମାନଙ୍କ ମଧ୍ୟରେ ଏନଜିଓ ସଂସ୍ଥା, ମିଲର ସଦସ୍ୟ, ଚାମ୍ବର ଅଫ କମର୍ସ, ନିର୍ମାଣ ଶ୍ରମିକ, ଚାଇଲ୍ଡ ଲାଇନ ଓ ଶ୍ରମ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବଞ୍ଚି ଥାଉ ଥାଉ ମୃତ, ବିଧବା ଭତ୍ତାରୁ ବଞ୍ଚିତ



**ତିଳେଇବାନି,(ମହାଭାରତ) :** କାଗଜ ପତ୍ର ରେ ବଞ୍ଚି ଥାଉ ଥାଉ ମରିଯାଇଛି ଲୋକ , ଏଭଳି ଘଟଣା ଦେଖିବାକୁ ମିଳିଛି ଆମ ଓଡ଼ିଶା ରାଜ୍ୟର ଦେବଗଡ଼ ଜିଲ୍ଲାର ତିଳେଇବଣୀ ବ୍ଲକ ବଡ଼ଛାପଲ ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପାଲ୍ଲୀ ମାକରମୁଣ୍ଡା ଗାଁ ରେ। ଅସହାୟ ଗରିବ, ସ୍ୱର୍ଗତ ଭାଗୀରଥି ବେହେରାଙ୍କ ସ୍ତ୍ରୀ ବିଧବା ଯୋଶଦା ବେହେରା। ଓଡ଼ିଶା ସରକାରଙ୍କ ତରଫରୁ ମିଳୁଥିବା ବିଧବା ଭତ୍ତା ଖଣ୍ଡିକ ଯୋଶାଦାର ମୃତ୍ୟୁ ଘୋଷଣା କରି ଭତ୍ତା ଯୋଜନା ରୁ ବଞ୍ଚିତ ଅଛନ୍ତି କ୍ଷ ଅସହାୟ ଗରିବ ବିଧବା ଯୋଶଦା ବେହେରା । ଗାଁ ୱାର୍ଡମେମ୍ବର ଠାରୁ ଆରମ୍ଭ କରି ସରପଞ୍ଚ ଗ୍ରାମ ସେବକ ସମସ୍ତ ଙ୍କୁ ଜଣାଇଥିଲେ ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଡ଼ିଓ ଙ୍କୁ ଭେଟି ନିଜ ଦୁଃଖ ଜଣାଇବା ପରେ ବିଡ଼ିଓ ଉତ୍ତର ଦିଅନ୍ତି, ତୁମ ରେକର୍ଡ କହୁଛି ତୁମେ ମରି ସାରିଛ। ଅସହାୟ ଗରିବ ବିଧବା ଯୋଶଦା ବେହେରା ମଧ କାନ୍ଦି କାନ୍ଦି ନିଜର ଦୁଃଖ ପ୍ରକାଶ କରିଥିବା ଦେଖିବାକୁ ମିଳିଛି। ଏଠାରେ କଥା ଉଠିଛି ଜଣେ ଲୋକ ବଞ୍ଚି ଥାଉ ଥାଉ କିପରି କାଗଜ ପତ୍ର ରେ ମରିଯାଇଛି,ସେଇଠି ପାଇଁ ଦାୟୀ କିଏ ? ଦେଖିବାକୁ ବାକି ରହିଲା, ଗଣ ମାଧ୍ୟମ ରେଖବର ପ୍ରସାରଣ ପରେ ସରକାର କେବେ ଅସହାୟ ଗରିବ ବିଧବା ଯୋଶଦା ବେହେରା ଙ୍କୁ ବିଧବା ଭତ୍ତା ଖଣ୍ଡିକ ଯୋଗାଇ ଦେଉଛନ୍ତି। ତାହା ଦେଖି ବାକୁ ବାକି ରହିଲା ।ରିପୋର୍ଟ ସୁଦାମ ବେହେରା।।

# ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସ ପାଇଁ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

**ଅନୁଗୋଳ,(ମହାଭାରତ) :** ଅନୁଗୋଳ ଜିଲ୍ଲାପାଳ ମହମ୍ମଦ ଅବ୍ଦାଲ୍ ଅଖତରଙ୍କର ଆସନ୍ତା ଜୁଲାଇ, ଅଗଷ୍ଟ ଓ ସେପଟ୍ଟେମ୍ବର ମାସ ପାଇଁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏଥିରେ ଜିଲ୍ଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ଡ.ଉମାଶଙ୍କର ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେବେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ମାସ ୧ ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ କିଶୋରନଗର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ୮ତାରିଖ (ସୋମ ?ବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ, ୧୫ ତାରିଖ (ସୋମ ?ବାର) ପୂର୍ବାହ୍ନ ୧୦ଘଟିକା ସମୟରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ, ୨୨ତାରିଖ (ସୋମ ?ବାର) ପୂର୍ବାହ୍ନ ୧୦ଘଟିକା ସମୟରେ ବଅଁରପାଳ ବ୍ଲକ କାର୍ଯ୍ୟାଳୟ, ୨୯ତାରିଖ (ସୋମ ?ବାର ?) ପୂର୍ବାହ୍ନ ୧୦ଘଟିକା ସମୟରେ ତାଳଚେର ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ସେହିପରି ଅଗଷ୍ଟ ମାସ ୫ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ୧୨ତାରିଖ (ସୋମ ?ବାର) ପୂର୍ବାହ୍ନ ୧୦ଘଟିକା ସମୟରେ କଣିହାଁ ବ୍ଲକ କାର୍ଯ୍ୟାଳୟ, ୨୦ତାରିଖ (ମଙ୍ଗଳବାର) ପୂର୍ବାହ୍ନ ୧୦ଘଟିକା ସମୟରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ, ୨୭ତାରିଖ (ମଙ୍ଗଳବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ସେହିପରି ସେପଟ୍ଟେମ୍ବର ମାସ ୨ତାରିଖ (ସୋମ ?ବାର) ପୂର୍ବାହ୍ନ ୧୦ଘଟିକା ସମୟରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ, ୯ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ବଅଁରପାଳ ବ୍ଲକ କାର୍ଯ୍ୟାଳୟ, ୧୭ତାରିଖ (ମଙ୍ଗଳବାର) ପୂର୍ବାହ୍ନ ୧୦ଘଟିକା ସମୟରେ ତାଳଚେର ବ୍ଲକ କାର୍ଯ୍ୟାଳୟ, ୨୩ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ଓ ୩୦ତାରିଖ (ସୋମବାର) ପୂର୍ବାହ୍ନ ୧୦ଘଟିକା ସମୟରେ କଣିହାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ । ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗ ଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଉଛି । ସେହିପରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜିଲ୍ଲା କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଓଡ଼ିଶା ସାମ୍ବାଦିକ ସଙ୍ଘ ଗଜପତିଶାଖା ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ବିରେନ୍ଦ୍ର ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଜଣେ ମହିଳା ଖବରଦାତା ନିଜ ଦାୟିତ୍ୱ ସମ୍ପର୍ଣ୍ଣ କରିବା ବେଳେ ଖବରଦାତାଙ୍କ ଉପରକୁ କୁକୁର ଛାଡି ଆକ୍ରମଣ କରିଥିବା ଘଟଣାକୁ ଓଡ଼ିଶା ସାମ୍ବାଦିକ ସଙ୍ଘ ଗଜପତି ଶାଖା ତୀବ୍ର ନିନ୍ଦା କରିଛି। ଖବର ଦାତାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଲାଗୁ କରିବା ପାଇଁ ଦାବୀ ହୋଇଛି ।ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।



## ପୁଣି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାତିଲେଣି ଦଲାଲ୍

# ରୋଗ ପରୀକ୍ଷା ବିଲରୁ ଦଲାଲ୍ ପାଉଛନ୍ତି ୩୦% ପ୍ରତିଶତ



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦଲାଲଙ୍କ ରାଜୁତି ପୁଣି ଆରମ୍ଭ ହୋଇଗଲାଣି । ଏହି ହସ୍ପିଟାଲ କୁ ଆସୁଥିବା ରୋଗୀ ମାନଙ୍କୁ ଫୁସୁଲେଇ ଦଲାଲ ମାନେ ଘରୋଇ କ୍ଲିନିକକୁ ନେଇ ଯାଉଛନ୍ତି । ଯେହେତୁ ଘରୋଇ କ୍ଲିନିକ୍ ଗୁଡ଼ିକରୁ ସେମାନଙ୍କୁ ବେଶ୍ କିଛି ଟଙ୍କା କମିସନ ମିଳୁଥିବାରୁ ଅଧିକରୁ ଅଧିକ ରୋଗୀ କେମିତି ସେଠାକୁ ଯିବେ, ସେ ନେଇ ଏହି ଦଲାଲ ମାନେ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଜଗି ରହୁଛନ୍ତି । ତିନି ମାସ ତଳେ ଟାଉନ ଥାନା ପୁଲିସ ଏହି ମାମଲାରେ ପରେଶ କୁମାର ଦଳେଇ ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ଅନ୍ୟ ଦଲାଲ ମାନଙ୍କ ମଧ୍ୟରେ ଛନକା ପଶିଥିଲା । ମାତ୍ର ପୁଲିସ କାର୍ଯ୍ୟାନୁଷ୍ଠାନ କମିଯିବା ପରେ ପୁଣି ଥରେ ଦଲାଲଙ୍କ ରାଜୁତି ଆରମ୍ଭ ହୋଇଗଲାଣି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ନୟାଗଡ଼ର ୮ ଟି ବ୍ଲକ୍ ସମେତ ପଡ଼ୋଶୀ ଖୋର୍ଦ୍ଧା, ବୌଦ୍ଧ ଓ ଗଞ୍ଜାମ ଜିଲ୍ଲାର କିଛି ଲୋକ ନିର୍ଭର କରନ୍ତି । ଫଳରେ ଏହି ହସ୍ପିଟାଲରେ ସର୍ବଦା ଗହଳି ଚହଳି ଲାଗି ରହିଥାଏ । ଏହା ସହ ସହରରେ ମଧ୍ୟ ଏକାଧିକ ଘରୋଇ ହସ୍ପିଟାଲ ଓ କ୍ଲିନିକ୍ ରହିଛି । ଏହି ଘରୋଇ କ୍ଲିନିକ୍ ଗୁଡ଼ିକ ନିଜର ଫାଇଦା ପାଇଁ ସ୍ଥାନୀୟ ଅଞ୍ଚଳ କିଛି ଯୁବକ ମାନଙ୍କୁ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଛିଡ଼ା କରାଉଛନ୍ତ । ଏହି ଦଲାଲ ମାନେ ହସ୍ପିଟାଲ କୁ ଆସୁଥିବା ଗରିବ ଶ୍ରେଣୀର ରୋଗୀ ମାନଙ୍କୁ ଟାର୍ଗେଟ୍ କରୁଛନ୍ତି । ଏହି ହସ୍ପିଟାଲରେ ଭଲ ଡାକ୍ତର ନାହାନ୍ତି, ରୋଗର ଠିକ୍ ଭାବେ ପରୀକ୍ଷା ହେଉ ନାହିଁ ଓ ବାହାର କ୍ଲିନିକ୍ରେ କମ୍ ଖର୍ଚ୍ଚରେ ସମସ୍ତ ପରୀକ୍ଷା କରିବା ସହ ଚିକିତ୍ସା କରିହେବ ବୋଲି ବୁଝାଇ ଶୁଝାଇ ରୋଗୀ ମାନଙ୍କୁ ଘରୋଇ କ୍ଲିନିକକୁ ନେଇଯାଉଛନ୍ତି । ଘରୋଇ କ୍ଲିନିକରେ ଏହି ରୋଗୀ ମାନଙ୍କର ରୋଗ ପରୀକ୍ଷା ଓ ଚିକିତ୍ସା ବାବଦକୁ ଯେତେ ଟଙ୍କା ବିଲ୍ ହେଉଛି, ତାହାର ୩୦ ପ୍ରତିଶତ କମିଶନ ଏହି ଦଲାଲ ମାନଙ୍କୁ ଦିଆଯାଉଛି । ଟିକିଏ ପରିଶ୍ରମରେ ଭଲ ରୋଜଗାର ହୋଇପାରୁଥିବାରୁ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଦିନକୁ ଦିନ ଦଲାଲ ମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଲାଣି । ମାତ୍ର ଗତ ଦୁଇଦିନ ତଳେ ଗିରଫ ହୋଇଥିବା ପରେଶ ହସ୍ପିଟାଲରେ ଅଧିକ ଚଳଚଞ୍ଚଳ ଥିବା ଜଣାପଡ଼ିଛି । ଘରୋଇ କ୍ଲିନିକ୍ ଗୁଡ଼ିକର ଏହି ଯୋଜନା ଦୀର୍ଘ ଦିନ ହେଲା ହସ୍ପିଟାଲରେ ଚାଲୁ ରହିଛି । ଏହି ଦଲାଲ ମାନଙ୍କ ସହ ହସ୍ପିଟାଲ କର୍ମଚାରୀ ଓ ଡାକ୍ତର ମାନଙ୍କର ସମ୍ପୃକ୍ତି ରହିଥିବା ଅନୁମାନ କରାଯାଉଛି । ନଚେତ ପ୍ରତ୍ୟେକ ଦିନ ଏମିତି କାର୍ଯ୍ୟ ଚାଲୁଥିଲେ ମଧ୍ୟ ସେମାନଙ୍କୁ ହସ୍ପିଟାଲରେ ଆଦୌ ବିରୋଧ କରାଯାଉନାହିଁ । ସାଧାରଣ ଲୋକ ମାନଙ୍କ ଠାରୁ ଅଭିଯୋଗ ପାଇବା ପରେ ଗତ ଦୁଇଦିନ ତଳେ ପୁଲିସ ପରେଶଙ୍କୁ ଗିରଫ କରିଛି । ଏଣୁ ନିଶ୍ଚିତ ଭାବେ ଏହି ଦଲାଲ ମାନଙ୍କ ସହ ହସ୍ପିଟାଲରେ ଡାକ୍ତର ଓ କର୍ମଚାରୀ ମାନେ ମିଳିତ ଭାବେ ଏକ ରାକେଟ୍ ଗଠନ କରି, ଏମିତି କାରବାର ଚଳାଇଥିବା ଚର୍ଚ୍ଚା ଚାଲିଛି । ଟାଉନ ଥାନା ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର କୁହନ୍ତି ଯେ, କେବଳ ଦଲାଲ ନୁହନ୍ତି ଏହି ଦଲାଲ ମାନଙ୍କୁ ସରକାରୀ ହସ୍ପିଟାଲରେ ଛିଡ଼ା କରାଉଥିବା ଘରୋଇ କ୍ଲିନିକ୍ ଗୁଡ଼ିକ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ । ହସ୍ପିଟାଲରେ ଦଲାଲ ମାନଙ୍କୁ ରୋକିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ।

## ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଜମୁଛି ପାଣି



କୋକସରା,(ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ବଡପୋଡାଗୁଡା ଗ୍ରାମ ପଞ୍ଚାୟତ ଅଧୀନସ୍ଥ ରଏନଗୁଡା ଗ୍ରାମରେ ଦିନ କୁ ଦିନ ବେହାଲ ହେଉପଡୁଛି ରଏନଗୁଡା ଗ୍ରାମର କଙ୍କ୍ରିଟ ରାସ୍ତା । ଡ୍ରେନେଜ ବ୍ୟବସ୍ଥା ନଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଜମି ରହୁଛି ଆଣ୍ଠୁଏ କାଦୁଅ ପାଣ । ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ସମୟରେ ଗ୍ରାମବାସୀ ପଞ୍ଚାୟତ ଓ ବ୍ଲକ ପ୍ରସାଶନକୁ ଅବଗତ କରିଥିଲେ ସୁଦ୍ଧା କାହାରି ଦୃଷ୍ଟି ପଡ଼ିନାହିଁ ।ଏବେ ବର୍ଷା ଋତୁ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି । କାଦୁଅ ପାଣି ରହିବା ଫଳରେ ମଶାମାଛୀ ମାନଙ୍କ ଆଶ୍ରୟସ୍ଥଳୀ ପାଲଟିବା ନେଇ ସ୍ଥାନୀୟ ଲୋକ ଚିନ୍ତାପ୍ରକଟ କରିଛନ୍ତି । ଏଭଳି ପରିବେଶ ଆଗାମୀ ଦିନରେ ରହେ ତା ହେଲେ ମ୍ୟାଲେରିଆ,ଡାଇରିଆ ଭଳି ମାରାତ୍ମକ ରୋଗରେ ଶିକାର ହେବାର ସ୍ଥାନୀୟ ଲୋକ ମାନଙ୍କ ମନରେ ଛନକା ପସିଲାନି । ଯଦି ଆଗକୁ ସମସ୍ୟା ର ସମାଧାନ ନ କରାଯାଏ ତାହେଲେ , ରୁଆ ବେଉଷଣ କରି ପ୍ରତିବାଦ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଅସହାୟ ଓ ନିରାଶ୍ରୟ ଙ୍କ ବନ୍ଧୁ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ଗୁରୁତର ଅସୁସ୍ଥ



ପାରାଦ୍ୱୀପ (ମହାଭାରତ): ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ତଥା ଜଣାଶୁଣା ଚର୍ଚ୍ଚିତ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ଗୁରୁତର ଅସୁସ୍ଥ ହୋଇ ଏବେ ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସାଧିନ ଅଛନ୍ତି । ସୂଚନାଥାଉକି ଶ୍ରୀମତୀ ଆଚାର୍ଯ୍ୟ ଜଗତସିଂହପୁର ଜିଲ୍ଲାରେ ଅସହାୟ ମାନସିକ ଅସୁସ୍ଥ ବ୍ୟକ୍ତି ଙ୍କୁ ଉଦ୍ଧାର ଓ ଚିକିତ୍ସା ବ୍ୟବସ୍ଥା କରାଇବା, ନିରାଶ୍ରୟ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଥଇଥାନ, ଜେଲ ରେ ବନ୍ଦୀ ମାନଙ୍କୁ ସଚେତନ ପାଇଁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଇତ୍ୟାଦି ଅନେକ ସମାଜ ମଙ୍ଗଳ କାର୍ଯ୍ୟ କରି ସାଧାରଣରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ତାଙ୍କର ନିରବଛିନ୍ନ ପ୍ରୟାସ ଯୋଗୁଁ ଜିଲ୍ଲାରେ ବହୁ ମାନସିକ ଭିଉକ୍ଷମ ବ୍ୟକ୍ତିସୁସ୍ଥ ହୋଇ ନିଜ ପରିବାରକୁ ଫେରିଥିବା ବେଳେ ପରିବାର ରୁ ଉପେକ୍ଷିତ ବହୁ ବୃଦ୍ଧ ବାପ ମା ନିଜ ପୁଅ ବୋହୁ ଙ୍କ ପାଖକୁ ଫେରିପାରିଛନ୍ତି । ସମାଜସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ଥିବା ଏପରି ଜଣେ ପରୋପକାରୀ ଓ ଦରଦି ମହିଳା ଙ୍କ ଅସୁସ୍ଥତା ଖବର ଜାଣିବା ପରେ ପାରାଦ୍ୱୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ସମାଜସେବୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରାକେଶ ପଟ୍ଟନାୟକ, ରବିନ୍ଦ୍ର ଜେନା,ସନ୍ତୋଷ ଭାରତୀ, ରତ୍ନାକର ଜେନା, ସୁଧାଂଶୁ ନାୟକ, ଦୀପକ ଦାସ ଙ୍କ ସମେତ ବିଭିନ୍ନ ଅନୁଷ୍ଠାନ, ସଂଗଠନ, ବୁଦ୍ଧିଜୀବୀ ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ଶ୍ରୀମତୀ ଆଚାର୍ଯ୍ୟ ଶୀଘ୍ର ସୁସ୍ଥ ହୋଇ ପୁନର୍ବାର ତାଙ୍କର ମହତ ସେବା କାର୍ଯ୍ୟ ଜାରି ରଖିବାକୁ କାମନା କରିଛନ୍ତି ।

## ପାରାଦୀପ ପୌରପାଳିକା ୨୦୨୪-୨୫ ବର୍ଷ ପାଇଁ ୭୯କୋଟି ୩୪ଲକ୍ଷ ୪୭ହଜାର ୬୧୫ଟଙ୍କା ବଜେଟ୍ ପାରିତ




ପାରାଦୀପ(ମହାଭାରତ): ପାରଦୀପ ପୌରପାଳିକା ସମ୍ମିଳନୀ କକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୭୯କୋଟି ୩୪ଲକ୍ଷ ୪୭ହଜାର ୬୧୫ଟଙ୍କା ବଜେଟ୍ ପାରିତ ହୋଇଛି । ଏହି ଅବସରରେ ଶନିବାର ଦିନ ଆୟୋଜିତ କାଉନସିଲ୍ ବୈଠକରେ ନଗରପାଳ ବସନ୍ତ ବିଶ୍ୱାଳ ଚଳିତ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଥିଲେ । ଉପସ୍ଥିତ ପାରିଷଦମାନେ ଏହାକୁ ସମର୍ଥନ କରିବା ସହିତ ବଜେଟ୍ ପାରିତ ହୋଇଥିଲା । ଏହି ଅଧିବେଶନରେ ନବନିର୍ବାଚିତ ପାରାଦୀପ ବିଧାୟକ ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା(ସ୍ୱାଧୀନ ଦାୟିତ୍ୱ)ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ନବନିର୍ବାଚିତ ସାଂସଦ ଡ. ବିଭୂପ୍ରସାଦ ତରାଇ ଯୋଗ ଦେଇଥିଲେ । ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସେମାନଙ୍କୁ ସ୍ୱାଗତ କରିଥିଲେ । ବିଭିନ୍ନ ସୂତ୍ରରୁ ୪୦କୋଟି ୧ଲକ୍ଷ ୯୪ହଜରା ୨୬୮ଟଙ୍କା ଆୟ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷର ବଳକା ଅର୍ଥ ମିଶି ମୋଟ ଆୟ ୭୯କୋଟି ୩୪ଲକ୍ଷ ୪୭ହଜାର ୬୧୫ଟଙ୍କା ରହିଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୭୭ କୋଟି ୨୦ଲକ୍ଷ ୦୩ହଜାର ୯୯ଟଙ୍କାର ବ୍ୟୟ ବରାଦ ପାରିତ ହୋଇଥିବା ବେଳେ ବର୍ଷ ଶେଷ ସମ୍ଭାବ୍ୟ ବଳକା ଅର୍ଥରାଶି ୨କୋଟି ୧୪ଲକ୍ଷ ୪୪ହଜାର ୫୧୬ ଟଙ୍କା ରହିଛି । କାଉନସିଲ୍ ବୈଠକ ପୂର୍ବରୁ ମାନ୍ୟବର ମନ୍ତ୍ରୀ ଓ ସାଂସଦଙ୍କୁ ପୌର ପ୍ରଶାସନିକ ଭବନ ପରିସରରେ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ପୌରହିତ୍ୟ କରିଥିଲେ ନଗରପାଳ ବସ’ ବିଶ୍ୱାଳ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା । ପାରାଦୀପ ପୌରାଂଚଳରେ ଆଗାମୀ ବର୍ଷା ଦିନ ପାଇଁ ବସ୍ତି ଅଂଚଳରେ ଯେପରି ଲୋକଙ୍କ ପାଇଁ ସମସ୍ୟା ନହୁଏ ସେ ଦିଗରେ ପୌରପାଳିକା ତୀକ୍ଷ୍ଣ ଦୃଷ୍ଟି ଦେବାକୁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଦଳମତ ନିର୍ବିଶେଷରେ ପାରାଦୀପର ସାମଗ୍ରିକ ବିକାଶ ପାଇଁ ପୌରପାଳିକା କାର୍ଯ୍ୟ କରିବାକୁ ସାଂସଦ ଡ.ତରାଇ କହିଥିଲେ । ଉପାଧକ୍ଷା ଛବିଲତା ରାଉତ, ପାରିଷଦ ପ୍ରଭାତୀ ନାୟକ, ସୁବ୍ରତ କୁମାର ପ୍ରଧାନ, ପ୍ରତାପ ନାୟକ, କେଦାରନାଥ ଜେନା, ଅଜିତ କୁମାର ଷଡଙ୍ଗୀ, ମନୋଜ କୁମାର ନାୟକ,ବନୀତା ରାଉତଙ୍କ ସମେତ ଅନ୍ୟ ପାରିଷଦ ପ୍ରମୁଖ ଯୋଗ ଦେଇଥିଲେ ।

## ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଲେ ବିଧାୟକ

ହାଟଡିହି(ମହାଭାରତ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଶାଳନିଆ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ଜଣେ ଯୁବକ ଦାଦନ ଖଟିବାକୁ ବେଙ୍ଗାଲୁର ଯାଇଥିଲେ । ସେଠାରେ ତାଙ୍କର ଗତ ବୁଧବାର ମୃତ୍ୟୁ ଘଟିଥିଲା । ସୂଚନା ଯୋଗ୍ୟ ସନାତନ ମହାକୁଡ଼ଙ୍କ ପୁଅ ରାଜେଶ (୨୯ବର୍ଷ ) ପ୍ରାୟ ୫ ବର୍ଷ ହେବ ରୋଜଗାର ପାଇଁ ଦାଦନ ଖଟିବାକୁ ବେଙ୍ଗାଲୁର ଯାଇଥିଲେ । ଏକ ଘର ଭଡା ନେଇ ସେଠାରେ ରହୁଥିଲେ ।ତାଙ୍କର ପରିବାର ଲୋକ ସେଠାକୁ ଯାଇ ସେଠାରେ ଗତ ଶୁକ୍ରବାର ଶବ ସତ୍କାର କରିଥିଲେ । ରବିବାର ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

## ଅଚାନକ ମେଡିକାଲ ପରିଦର୍ଶନ କଲେ ବିଧାୟକ

ହାଟଡିହି,(ମହାଭାରତ) :କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ବିଧାୟକ ଅଭିମନ୍ୟୁ ସେଠି ରବିବାର ଅଚାନକ ଭାବେ ହାଟଡିହି ବ୍ଲକ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି । ରୋଗୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା କିପରି ଦିଆଯାଉଛି ସେ ବିଷୟରେ ପଚାରି ବୁଝିବା ସହ ଉପଯୁକ୍ତ ଚିକିତ୍ସା ସେବା ସଦା ସର୍ବଦା ଯୋଗାଇ ଦେବାକୁ କର୍ମଚାରୀଙ୍କୁ କହିଥିଲେ । କେତେକ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ବିଷୟରେ ପଚାରି ସେମାନଙ୍କ ମତାମତ ସଂଗ୍ରହ କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ବିଭାଗ, ରୋଗୀଙ୍କ ୱାର୍ଡ, ଷ୍ଟାଫ କ୍ୱାଟର ସ୍ଥିତି ବୁଲି ଦେଖିଥିଲେ ।ବହୁ ସମୟରେ ରୋଗୀ ସେବାରେ ବିଭ୍ରାଟ ଉପୁଜୁଥିବା ଅଭିଯୋଗ ହେଉଥିବାରୁ ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଏଥିସହ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ସମସ୍ୟା ଉପରେ ଅନୁଧ୍ୟାନ କରିବା ସହ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ପରିଦର୍ଶନ ସମୟରେ ସ୍ଥାନୀୟ ଲୋକ ମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଦର୍ଶାଇ ଏହାର ସମାଧାନ ପାଇଁ ଦାବୀ ମଧ୍ୟ ଜଣାଇଥିଲେ ।

## ପର୍ଯ୍ୟଟକଙ୍କୁ ପରିଦର୍ଶନ ମନା, ହଦଗଡ଼ ଡ୍ୟାମରେ ତାଲା

କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ହଦଗଡ଼ ଡ୍ୟାମଟି ସବୁଜ ବନାନୀ ଓ ପାହାଡ଼ ବଳ । ଘେରାରେ ପ୍ରବାହିତ ସାଳନ୍ଦୀ ନଦୀରେ ଅବସ୍ଥିତ । ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ଏହା ବେଶ ଜଣାଶୁଣା ଥିବା ବେଳେ ବର୍ଷ ସାରା ଏଠାକୁ ପର୍ଯ୍ୟଟକ ମାନେ ଆସି ଏହାର ପ୍ରାକୃତିକ ପରିବେଶ ଏବଂ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିଥାନ୍ତି । ହଦଗଡ଼ ଡ୍ୟାମକୁ ଲାଗି ହଦଗଡ଼ ହସ୍ତୀ ଅଭୟାରଣ୍ୟ ଅବସ୍ଥିତ । ଏହି ପର୍ଯ୍ୟଟନ ସ୍ଥଳୀ ମୟୁରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକ ଜିଲାକୁ ସଂଲଗ୍ନ କରିଛି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ହଦଗଡ଼ ଡ୍ୟାମ ରେ ଏବେ ପଡିଛି ତାଲା । ପର୍ଯ୍ୟଟକ ଙ୍କୁ ପରିଦର୍ଶନ ମନା ହୋଇଛି । ଯାହାକୁ ନେଇ ପର୍ଯ୍ୟଟକ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଡ୍ୟାମର ଅପର ପାର୍ଶ୍ୱ ତଥା ଅଭୟାରଣ୍ୟ ମଧ୍ୟରେ ରହୁଥିବା ଗ୍ରାମବାସୀ ଙ୍କୁ ମଧ୍ୟ ଡ୍ୟାମ ରାସ୍ତାରେ ଯାତାୟାତ ମନା ହୋଇଛି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ କୁହୁଳୁଛି ଅସନ୍ତୋଷ ର ନିଆଁ । ହଦଗଡ଼ ଡ୍ୟାମରେ ଏବେ ପରିଦର୍ଶନ କୁ ବନ୍ଦ କରଯାଇଛି । ଗେଟରେ ତାଲା ପକାଯାଇ ପର୍ଯ୍ୟଟକ ମାନଙ୍କୁ ଭିତରକୁ ବୁଲିବାକୁ ଛଡ଼ା ଯାଉନାହିଁ । ଯାହାକୁ ନେଇ ପର୍ଯ୍ୟଟକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ହଦଗଡ଼ ଡ୍ୟାମ ବୁଲିବାକୁ ଓଡ଼ିଶା ତଥା ଓଡ଼ିଶା ବାହାରୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ପର୍ଯ୍ୟଟକ ମାନେ ଡ୍ୟାମ ଉପରେ ବୁଲିବା ସହିତ ସାଳନ୍ଦୀ ଡ୍ୟାମର ନୀଳ ଜଳରାଶିର ମଜ୍ଜା ଉପଭୋଗ କରିଥାନ୍ତି । ଯେଉଁ ମାନେ ଭୋଜିଭାତ କରିଥାନ୍ତି ସେମାନେ ଡ୍ୟାମ ତଳେ ନଦୀ କୂଳରେ ଭୋଜି କରିଥାନ୍ତି । ଏତେ ସଂଖ୍ୟକ ପର୍ଯ୍ୟଟକ ଆସୁଥିବାରୁ ସ୍ଥାନୀୟ ଅଞ୍ଚଳର କିଛି କ୍ଷୁଦ୍ର ବ୍ୟବସାୟୀ ଛୋଟ ମୋଟ ବେପାର କରି ଚଳିବା ସହିତ ପରିବାର ପ୍ରତିପୋଷଣ କରିଥାନ୍ତି । ଏପରିକି ହଦଗଡ଼ ବଜାରରେ ଥିବା ବ୍ୟବସାୟୀ ମାନେ ଭଲ ଦିପଇସା ବେପାର କରିଥାନ୍ତି । ଜଳସମ୍ପଦ ବିଭାଗ ର ତଥ୍ୟ ଅନୁଯାୟୀ ଜୁନ ମାସର ଗତ ୧୨ ତାରିଖ ଭଦ୍ରକ ଅଞ୍ଚଳର କିଛି ଛାତ୍ର ଡ୍ୟାମ ବୁଲିବାକୁ ଆସିଥିବା ବେଳେ ଦୁଇଜଣ ଛାତ୍ର ଡ୍ୟାମର ଶେଷ ମୁଣ୍ଡରେ ଥିବା ଜିରୋ ପଏଣ୍ଟଣ୍ଟ ନିକଟରେ ଗାଧୋଇବାକୁ ଯାଇ ବୁଡି ମୃତ୍ୟୁ ବରଣ କରିଥିଲେ । ସେହି ଜିରୋ ପଏଣ୍ଟ ଜଙ୍ଗଲ ବିଭାଗ ଅଧିନରେ ରହିଛି ।କିନ୍ତୁ ସେହି ଦିନଠାରୁ ଜଳସେଚନ ବିଭାଗ ଏହି ଡ୍ୟାମକୁ ଚାବି ପକାଇ ବନ୍ଦ କରିଦେଇଛନ୍ତି । ଡ୍ୟାମର ଅପର ପାର୍ଶ୍ୱରେ ଥିବା ଦଳକି, ପିତାନାଉ, ମଲ୍ଲିପଶୀ, ରତ୍ନମରା ପରି ଅନେକ ଗ୍ରାମର ଗ୍ରାମବାସୀ ଡ୍ୟାମ ବ୍ରିଜ ଉପରେ ଯାତାୟାତ କରୁଥିବା ବେଳେ ଏବେ ୩ କିଲୋମିଟର ରାସ୍ତା ବୁଲି ବୁଲି ହଦଗଡ଼କୁ ଆସୁଛନ୍ତି । ସେମାନେ ମଧ୍ୟ ଜଳସେଚନ ବିଭାଗର ଏପରି ନିଷ୍ପତ୍ତି କୁ ବିରୋଧ କରିଛନ୍ତ । ଏଭଳି ପରିସ୍ଥିତି କାହିଁକି ଆସିବା ପଛର କାରଣ ବଡ଼ ଆଶ୍ଚର୍ଯ୍ୟ ସାଜିଛି । ଏ ସମ୍ପର୍କରେ ଜଳସେଚନ ବିଭାଗର ହଦଗଡ଼ ଡ୍ୟାମ ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି ଯେ ଗାଇଡ଼ ଲାଇନ ଅନୁଯାୟୀ ଡ୍ୟାମ ବନ୍ଦ କରାଯାଇଛି । ବିଭାଗୀୟ ଅନ୍ୟାଦେଶ ପର୍ଯ୍ୟନ୍ତ ଏହା ବନ୍ଦ ରହିବ । ପର୍ଯ୍ୟଟନ କ୍ଷେତ୍ର ହଦଗଡ଼ ନିଜର ସୌନ୍ଦର୍ଯ୍ୟ କୁ ନେଇ ପର୍ଯ୍ୟଟକ ଙ୍କ ପାଇଁ ନିଆରା ଅନୁଭୂତି ଆଣୁଥିବା ବେଳେ ଏହାକୁ ତାଲା ପକାଇ ରଖିବା କେତେ ଦୂର ଯଥାର୍ଥ ତାକୁ ନେଇ ପ୍ରଶ୍ନ ଉଠିବା ସହିତ ତୁରନ୍ତ ଏହାକୁ ଖୋଲିବାକୁ ଦାବି ହେଉଛି । ସ୍ଥାନୀୟ ଲୋକ ଏବଂ ପର୍ଯ୍ୟଟକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ତାଲା ଫିଟାଇବାକୁ ସୋସୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରୈଲୋଚନ ନାୟକ, ଶଡା ପଞ୍ଚାୟତ ର ସରପଞ୍ଚ ଜୟନ୍ତୀ ସାମଲ, ହଦଗଡ଼ ସରପଞ୍ଚ ନିରୂପମା ନନ୍ଦୀ,ପୂର୍ବତନ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ,ସାମାଜିକ କର୍ମୀ କାମପାଳ ନାୟକ ଏବଂ ସୁନୀଲ ନାୟକ ପ୍ରମୁଖ ଦାବୀ କରିଛନ୍ତି ।

## ଜିଲ୍ଲାରେ ୧୦୦୧ ଧାନ ବିହନର ଚାହିଦା ଅଧିକ

# ଆଗରେ ଓଡ଼ଗାଁ ବ୍ଲକ୍ ଥିବା ବେଳେ ପଛରେ ଗଣିଆ ବ୍ଲକ୍ ରହିଛି



ଓଡ଼ଗାଁ, ( ମହାଭାରତ ) : ଚଳିତ ବର୍ଷ ଖରିଫ ଧାନ ବିହନର ଚାହିଦା ଅଧିକ ରହିଛି । ଧାନ ଚାଷ ବିଳମ୍ବ ହେଲେ ମଧ୍ୟ ଚାଷୀ ଅନ୍ୟ ବିହନ ଅପେକ୍ଷା ୧୦୦୧ ଧାନକୁ ପ୍ରାଧାନ୍ୟ ଦେଉଛନ୍ତି । ଗତବର୍ଷ ଜିଲ୍ଲାରେ ୪୭୮୯.୨୦ କ୍ୱିଣ୍ଟାଲ୍ ଧାନ ଚାଷୀଙ୍କୁ ବିକ୍ରି କରାଯାଇଥିବା ବେଳେ ଚଳିତ ବର୍ଷ ୪୯୪୨. ୦୯ କ୍ୱିଣ୍ଟାଲ ବିହନ ବିକ୍ରି ସରିଥିବା ଆକଳନ ହୋଇଛି । ଗତବର୍ଷ ତୁଳନାରେ ୨ ଶହ କ୍ୱିଣ୍ଟାଲ୍ ଧାନ ଅଧିକ ବିକ୍ରି ହୋଇଥିବା କୃଷି ବିଭାଗ କହିଛି । ତେବେ ସର୍ବାଧିକ ଓଡ଼ଗାଁ ଓ ସର୍ବନିମ୍ନ ଗଣିଆ ବ୍ଲକ୍ରେ ବିକ୍ରି ହୋଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି । ମିଳିଥିବା ତଥ୍ୟ ଅନୁଯାୟୀ, ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ୍କୁ ଖରିପ୍ ଧାନ ବିହନ ଯୋଗାଇ ଦିଆଯାଇଛି । ୧୧ଟି କିସମ ବିହନ ମଧ୍ୟରୁ ଚାଷୀ ପ୍ରଥମରେ ଏମ୍ଟିୟୁ ୧୦୦୧ ବିହନକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । କଳାଚମ୍ପା ଦ୍ୱିତୀୟ ଓ ପୂଜା ଧାନ ତୃତୀୟ ସ୍ଥାନରେ ରହିଛି । ଏହା ସହିତ ହସନ୍ତ, ମୃଣାଳିନୀ, ସ୍ୱର୍ଣ୍ଣ ମସୁରୀ ୭୦୨୯, ମୁର୍ଖ ସବ୍- ୧, ଏମ୍ଟିୟୁ ୧୦୬୧, ଏମ୍ଟିୟୁ ୧୦୭୫, ଶାରଳା ଓ ଏମ୍ଟିୟୁ ୧୦୫୩ ତାଲିକାରେ ରହିଛି । ଚାଷ ଜମିରେ ଧାନ ବୁଣିବା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ବର୍ଷା ଅଭାବରୁ କେତେକ ସ୍ଥାନରେ ଗଜା ମରୁଡ଼ି ଆଶଙ୍କା ଦେଖାଦେଇଛି । ଜିଲ୍ଲାର ୮ଟି ବ୍ଲକକୁ ବିଭିନ୍ନ ପାକ୍ସ ଓ ଡିଲର ମାନଙ୍କୁ ଧାନ ବିକ୍ରୟ ପାଇଁ ଅନୁମତି ଦେଇଛି କୃଷି ବିଭାଗ । ପ୍ରାକ୍ ମୌସୁମୀ ବର୍ଷା ବିଳମ୍ବ ହେତୁ ଚାଷ କାର୍ଯ୍ୟରେ ବାଧା ଉପୁଜିଥିବାରୁ ସରକାରୀ ଧାନ ବିହନ ଉପରେ ନିର୍ଭର କରିଛନ୍ତି ଚାଷୀ । ୨୦ କେଜି ଧାନ ବିହନର ସରକାରୀ ମୂଲ୍ୟ ୭୮୭ ଟଙ୍କା ୪୦ ପଇସା ଥିବା ବେଳେ ୧୦ କେଜି ବିହନ ମୂଲ୍ୟ ୪୦୭ ଟଙ୍କା ୭୦ ପଇସା ରହିଛ । ଚାଷୀଙ୍କୁ ପୁରୁଣା ଧାନ ବିହନ ବାବଦକୁ ୨୦ କେଜି ପିଛା ୨୮୭ ଟଙ୍କା ୪୦ ପଇସା ରିହାତି ମିଳୁଥିବା ବେଳେ ନୂଆ ଧାନ ବିହନରେ ୨୦ କେଜି ପିଛା ୩୧୭ ଟଙ୍କା ୪୦ ପଇସା ରହିଛି । ସେହିପରି ୧୦ କେଜି ପିଛା ପୁରୁଣା ଧାନ ବିହନରେ ରିହାତି ୧୪୭ ଟଙ୍କା ୭୦ ପଇସା ଓ ନୂଆ ବିହନ ଦର ଉପରେ ୧୬୨ ଟଙ୍କା ୭୦ ପଇସା ଥିବା କୃଷି ବିଭାଗ କହିଛି । ସମସ୍ତ ଚାଷୀଙ୍କ ବ୍ୟାଙ୍କ ଜମା ଖାତାକୁ ସବ୍ସିଡି ଅର୍ଥରାଶି ଯିବ ବୋଲି କହିଥିଲେ । ଜିଲ୍ଲାର ଓଡ଼ଗାଁ ବ୍ଲକ୍ ଧାନ ବିହନ ବିକ୍ରି ତାଲିକାରେ ଆଗରେ ରହିଛି । ଗତବର୍ଷ ୧୬୨୮ କ୍ୱିଣ୍ଟାଲ୍ ବିକ୍ରି ହୋଇଥିବା ବେଳେ ଚଳିତ ବର୍ଷ ୧୭୪୩ କ୍ୱିଣ୍ଟାଲ ବିକ୍ରି ହୋଇଛି । ନୂଆଗାଁ ବ୍ଲକ୍ ୮୦୫ କ୍ୱିଣ୍ଟାଲ୍, ନୟାଗଡ଼ ୬୩୯, ରଣପୁର ୫୬୪, ଭାପୁର ୪୬୧, ଦଶପଲ୍ଲା ୪୨୪ ଓ ଗଣିଆ ବ୍ଲକ୍ ୯୭ କ୍ୱିଣ୍ଟାଲ୍ ଧାନ ବିହନ ବିକ୍ରି କରିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି । ବ୍ଲକ୍ ଅଧୀନରେ ଥିବା ପାକ୍ସ ଓ ଡିଲର ମାନେ ଏହି ବିହନ ଚାଷୀ ମାନଙ୍କୁ ସରକାରୀ ମୂଲ୍ୟରେ ଦେବାକୁ କୃଷି ବିଭାଗ ନିର୍ଦ୍ଦେଶ ଦେଇଛି । କୃଷି ବିଭାଗ ପାଣିପାଗ ଉପରେ ସତର୍କ ନଜର ରଖିବା ସହ ୨ ଶହ କ୍ୱିଣ୍ଟାଲ୍ ବିହନ ଚାଷୀଙ୍କ ପାଇଁ ରଖିଥିବା କହିଛି । କାଳେ ଗଜାମରୁଡ଼ି ହେବ କିମ୍ବା ଲଗାଣ ବର୍ଷାରେ ବିହନ ନଷ୍ଟ ହେବ, ଚାଷୀ ବିହନ ପାଇବାରୁ ବଞ୍ଚିତ ହୋଇ ହଇରାଣ ହେବେ ସେଥିପ୍ରତି ବିଭାଗ ସତର୍କ ରହିଛି । ସେହିପରି ଧନିଚା ବିହନକୁ ମଧ୍ୟ ଗୁରୁତ୍ୱ ଦେଇଛି କୃଷି ବିଭାଗ ଧାନ ବୁଣିବା ପରେ ଚାଷ ଜମିରେ ଧନିଚା ବ୍ୟବହାର କଲେ ମାଟି ଅଧିକ ଉର୍ବର ହେବ ଓ ବିଭିନ୍ନ ସାର ତୁଳନାରେ ଧନିଚା ଅଧିକ ଧାନ ଅମଳ କରିବାରେ ସାହାଯ୍ୟ କରିବ । ତେଣୁ ଚଳିତ ବର୍ଷ ଚାଷୀ ୧୦୯ କ୍ୱିଣ୍ଟାଲ୍ ଧନିଚା କିଣି ଜମିରେ ପକାଇବାକୁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି । ଚଳିତ ବର୍ଷ ଧାନ ଅମଳ ଭଲ ହେବ ଏବଂ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ଆଶା କରି ଜିଲ୍ଲା କୃଷି ବିଭାଗ ଆଶା ରଖିଛ ।

# ନୟାଗଡ଼ରେ ଭୂତ ଭିନ୍ନକ୍ଷମ ହିତାଧିକାରୀଙ୍କୁ ମିଳୁଛି ଭତ୍ତା

## ସନ୍ଦେହ ଘେରରେ ସାମାଜିକ ସୁରକ୍ଷା ଅଧିକାରୀ ଓ ଡାଟା ଏଣ୍ଟ୍ରି ଅପରେଟରଙ୍କ ବଡ଼ ଭୂମିକା ରହିଛି

**ନୟାଗଡ଼,(ମହାଭାରତ) :** ନୟାଗଡ଼ ଜିଲ୍ଲାରେ ମାଳ ମାଳ ଭୂତ ଭତ୍ତା ହିତାଧିକାରୀଙ୍କୁ ନେଇ ଜିଲ୍ଲା ପ୍ରଶାସନ ଅଡୁଆରେ ପଡ଼ିଛି। ଜଣେ କି ଦୁଇଜଣ ନୁହଁ ଶହ ଶହ ଭୂତ ହିତାଧିକାରୀ ଭତ୍ତା ହାତେଇବାରେ ସଫଳ ହୋଇଛନ୍ତି। ସେତିକି ନୁହଁ, ଦିବ୍ୟାଙ୍ଗ ନହୋଇ ମଧ୍ୟ ସରକାରଙ୍କ ଏହି ଯୋଜନାକୁ ମାଡ଼ି ବସିଥିବାର ଠୋସ୍ ପ୍ରମାଣ ମଧ୍ୟ ରହିଛି। ଜିଲ୍ଲାରେ ଏହି ଯୋଜନା ସୀମା ଟପିଥିବା ବେଳେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଓ ଡାଟା ଏଣ୍ଟ୍ରି ଅପରେଟରଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ୍, ୪ଟି ଏନ୍ଏସି ଓ ପୌରପାଳିକା ବୃଦ୍ଧବୃଦ୍ଧା, ବିଧବା, ଦିବ୍ୟାଙ୍ଗ, ଅସହାୟ ମାନଙ୍କୁ ଭତ୍ତା ଯୋଜନାରେ ସାମିଲ୍ କରିବାକୁ କେନ୍ଦ୍ର ତଥା ରାଜ୍ୟ ସରକାର ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଯୋଗ୍ୟଙ୍କ ବଦଳରେ ଅଯୋଗ୍ୟ ମାନଙ୍କୁ ଏହି ଯୋଜନାରେ ସାମିଲ୍ କରାଯାଇଛି। ଜିଲ୍ଲାରେ ମଧୁବାବୁ ଭତ୍ତା ଯୋଜନାରେ ୧ ଲକ୍ଷ ୩ ହଜାର ୩୯୩ ଜଣ ଭତ୍ତା ପାଇଁ ଟାର୍ଗେଟ ଥିବାବେଳେ ୧ ଲକ୍ଷ ୧ ହଜାର ୮୫୬ ଜଣ ହିତାଧିକାରୀଙ୍କୁ ସାମିଲ୍ କରାଯାଇଛି। ସେହିପରି ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୫୩ ହଜାର ୧୯୭ ଜଣଙ୍କ ମଧ୍ୟରୁ ୫୧ ହଜାର ୯୫୯ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଏହା ମଧ୍ୟରୁ ଦିବ୍ୟାଙ୍ଗ ଭତ୍ତା ପାଇଁ ୪୨ ହଜାର ଟାର୍ଗେଟ ଥିବାବେଳେ ୩୫ ହଜାର ଦିବ୍ୟାଙ୍ଗ ଭତ୍ତା ପାଉଥିବା ଜଣାପଡ଼ିଛି। କିଛି ଦଲାଲଙ୍କୁ ହାତବାରିସି କରି ଦିବ୍ୟାଙ୍ଗ ପ୍ରମାଣପତ୍ର ହାସଲ କରି ଭତ୍ତା ଯୋଜନାକୁ ଆତ୍ମସାତ୍ କରିବାକୁ ଯୋଜନା କରାଯାଇଛି। ଏଥିରେ




କେବଳ ଯେ ଦଲାଲଙ୍କ ହାତ ରହିଛି ତାହା ନୁହେଁ, ଡାଟା ଏଣ୍ଟ୍ରି ଅପରେଟର ଓ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସଂପୂର୍ଣ୍ଣ ହାତ ଥିବା କୁହାଯାଉଛି। ଏହା ପଛରେ ଏକ ରାକେଟ୍ କାମ କରୁଥିବାରୁ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ବିଭିନ୍ନ ବ୍ଲକ୍ ?କୁ ଅନୁଧ୍ୟାନ କଲେ ନୟାଗଡ଼ ବ୍ଲକ୍ ରେ ମଧୁବାବୁ ଭତ୍ତା ଯୋଜନାରେ ୧୬ ହଜାର ୪୮୬ ଓ ଇନ୍ଦିରାଗାନ୍ଧି ଜାତୀୟ ଭତ୍ତା ଯୋଜନାରେ ୮ ହଜାର ୫୮ ଜଣ ସାମିଲ୍ ହୋଇଛନ୍ତି। ଭାପୁର ବ୍ଲକ୍‌ରେ ମଧୁବାବୁ ଯୋଜନାରେ ୧୦ ହଜାର ୭୨୩ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୫ ହଜାର ୮୭୦ ଜଣ ସାମିଲ୍ ହୋଇଛନ୍ତି, ଦଶପଲ୍ଲା ବ୍ଲକ୍ ରେ ମଧୁବାବୁ ଯୋଜନାରେ ୮ ହଜାର ୩୦୭ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୫ ହଜାର ୨୦୯ ଜଣ ସାମିଲ୍ ହୋଇଛନ୍ତି। ସେହିପରି ଗଣିଆ ବ୍ଲକ୍‌ରେ ମଧୁବାବୁ ଯୋଜନାରେ ୪ ହଜାର ୩୧୪ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୨ ହଜାର ୫୩ ଜଣ ସାମିଲ୍ ହୋଇଛନ୍ତି। ଖଣ୍ଡପଡ଼ା ବ୍ଲକ୍ ରେ ମଧୁବାବୁ ଯୋଜନାରେ ୧୧ ହଜାର ୭୮୪ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୫ ହଜାର ୯୩୧ ଜଣ ଭତ୍ତା ପାଉଛନ୍ତି। ନୂଆଗାଁ ବ୍ଲକ୍ ରେ ମଧୁବାବୁ ଭତ୍ତା ଯୋଜନାରେ ୧୦ ହଜାର ୫୭୦ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୫ ହଜାର ୧୨୦ ଜଣ ସାମିଲ୍ ହୋଇଛନ୍ତି। ଓଡ଼ଗାଁ ବ୍ଲକ୍ ? ରେ ମଧୁବାବୁ ଭତ୍ତା ଯୋଜନାରେ ୧୭ ହଜାର ୯୮୭ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୮ ହଜାର ୯୫୧ ଜଣ ଓ ରଣପୁର ବ୍ଲକ୍‌ରେ ମଧୁବାବୁ ଭତ୍ତା ଯୋଜନାରେ ୧୬ ହଜାର ୬୧୬ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୮ ହଜାର ୩୬୫ ଜଣଙ୍କୁ ସାମିଲ୍ କରି ଭତ୍ତା ପ୍ରଦାନ କରାଯାଉଛି। ସେହିପରି ଦଶପଲ୍ଲା ଏନ୍ଏସିରେ ମଧୁବାବୁ ଭତ୍ତା ଯୋଜନାରେ ୧୮୦୧ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୫୦୧ ଜଣ, ଖଣ୍ଡପଡ଼ା ଏନ୍ଏସିରେ ମଧୁବାବୁ ଭତ୍ତା ଯୋଜନାରେ ୬୪୨ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୫୧୩ ଜଣଙ୍କୁ ସାମିଲ୍ କରାଯାଇଛି। ନୟାଗଡ଼ ପୌରାଞ୍ଚଳରେ ମଧୁବାବୁ ଯୋଜନାରେ ୫୯୯ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୪୭୧ ଜଣଙ୍କୁ ସାମିଲ୍ କରାଯାଇଛି। ଓଡ଼ଗାଁ ଏନ୍ ?ଏସିରେ ମଧୁବାବୁ ଯୋଜନାରେ ୧୦୯୬ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୨୪୩ ଜଣ, ରଣପୁର ଏନ୍ଏସିରେ ମଧୁବାବୁ ଯୋଜନାରେ ୧୩୯୦ ଜଣ ଓ ଇନ୍ଦିରାଗାନ୍ଧି ଭତ୍ତା ଯୋଜନାରେ ୫୬୪ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଜିଲ୍ଲାରେ ସମସ୍ତ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ, କିନ୍ନର, ସ୍ୱାମୀ ପରିତ୍ୟକ୍ତା କିମ୍ବା ଅବିବାହିତ ମହିଳାଙ୍କୁ ସାମିଲ୍ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ବେଳେ ଗାଁ ଗାଁରେ ଦଲାଲ ମାନେ ପଶି ଭତ୍ତା କରିବାକୁ କହି ଲୋକଙ୍କୁ ଶୋଷଣ କରୁଛନ୍ତି। ସେମାନଙ୍କ ଠାରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଦିବ୍ୟାଙ୍ଗ ପ୍ରମାଣପତ୍ର କରି ଭତ୍ତା ଯୋଜନାରେ ସାମିଲ୍ କରାଯାଉଛି। ଏହି ଯୋଜନା ବାଟ ହୁଡ଼ିଥିବା ବେଳେ କେବେ ଏହି ରାକେଟ ଧରାପଡ଼ିବ ଓ କାର୍ଯ୍ୟାନୁଷ୍ଠାନ ହେବ ତାହା ଦେଖିବାକୁ ବାକି ରହିଲା। ପ୍ରତି ବ୍ଲକରେ କାର୍ଯ୍ୟ କରୁଥିବା ସାମାଜିକ ସୁରକ୍ଷା ଅଧିକାରୀ ୬ ବର୍ଷରୁ ଊର୍ଦ୍ଧ୍ୱ ଦିନ ରହିଥିବାରୁ ଦୁର୍ନୀତି ହେଉଥିବା ଯୋଗ୍ୟ ହିତାଧିକାରୀ କହିଛନ୍ତି। ଏହି ଘଟଣାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର, ଭତ୍ତା ଦୁର୍ନୀତି ଅଭିଯୋଗ ଆସିବା ପରେ ଆମେ କାର୍ଯ୍ୟାନୁଷ୍ଠାନ ନେଉଛୁ : ଜିଲ୍ଲାରେ ପାଖାପାଖି ଦେଢ଼ଲକ୍ଷ ହିତାଧିକାରୀଙ୍କୁ ଯାଞ୍ଚ କରିବା ସମ୍ଭବ ହେଉନାହିଁ। ଦିବ୍ୟାଙ୍ଗ ପ୍ରମାଣପତ୍ରକୁ ନେଇ ସେ କହିଛନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ରିପୋର୍ଟ ଅନୁଯାୟୀ ଆମେ ଭତ୍ତା ମଞ୍ଜୁର କରୁଛୁ। ତଥାପି ୨୦୨୧ ମସିହା ପରଠାରୁ ଦୁଇଥର ଲେଖାଏଁ ଯାଞ୍ଚ ପାଇଁ ଆମେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପାଖକୁ ପଠାଉଛୁ। ଏହା ପୂର୍ବରୁ ଯଦି କିଛି ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇଥାଇପାରନ୍ତି ତାହା କହିବା ଅସମ୍ଭବ ବୋଲି କହିଥିଲେ। ତଥାପି ଆମେ ତଦନ୍ତ କରିବୁ ବୋଲି କହିଛନ୍ତି।

# ଆଳୁ ବ୍ୟବସାୟୀଙ୍କ ମ୍ୟାନେଜର ଠାରୁ ଝାମ୍ପି ନେଲେ ଟଙ୍କା ବ୍ୟାଗ

**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ବଜାର ଭିତରୁ ଶନିବାର ଦିନ ପ୍ରାୟ ୨ ଟା ସମୟରେ ଜଣେ ଆଳୁ ପିଆଜ ବ୍ୟବସାୟୀ ଙ୍କ ମ୍ୟାନେଜର ଙ୍କ ନିକଟରୁ ଏକ ଟଙ୍କା ବ୍ୟାଗ ଝାମ୍ପି ନେଇ ବାଇକ ଯୋଗେ ଚମ୍ପଟ ମାରିଛନ୍ତି ୨ ଜଣ ଲୁଟେରା।ମିଳିଥିବା ସୂଚନା ଅନୁଯାୟୀ କରଞ୍ଜିଆ ର ଆଳୁ ପିଆଜ ବ୍ୟବସାୟୀ ମହେଶ ଅଗ୍ରୱାଲ ଙ୍କ ମ୍ୟାନେଜର ଅଜୟ କୁମାର ମହାନ୍ତ ଟ୍ରକ ରେ ଆଳୁ ପିଆଜ ସହ ଅନ୍ୟାନ୍ୟ ସାମଗ୍ରୀ ନେଇ ଠାକୁରମୁଣ୍ଡା ବଜାର ରେ ଥିବା ଦୋକାନ ଗୁଡିକରେ ସାମଗ୍ରୀ ଦେଇ ଦୋକାନୀ ମାନଙ୍କ ଠାରୁ ପଇସା ନେଉଥିଲେ।ଠାକୁରମୁଣ୍ଡା ଆନନ୍ଦପୁର ରାସ୍ତା ର ଷ୍ଟେଟ ବ୍ୟାଙ୍କ ନିକଟ ଦେଇ ରାସ୍ତାରେ ଟଙ୍କା ବ୍ୟାଗ କୁ ଧରି ଚାଲି ଚାଲି ଅଜୟ ମହାନ୍ତ ଯାଉଥିବା ବେଳେ ଆନନ୍ଦପୁର ଆଡୁ ଏକ ବାଇକ ରେ ୨ ଜଣ ଯୁବକ ଆସି ତାଙ୍କ ଠାରୁ ଟଙ୍କା ବ୍ୟାଗ କୁ ଝାମ୍ପି ନେଇ କରଞ୍ଜିଆ ରାସ୍ତାରେ ଚମ୍ପଟ ମାରିଥିଲେ।ତାଙ୍କ ବ୍ୟାଗ ରେ ପ୍ରାୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା କୁହାଯାଇଛି।ପରେ ଏନେଇ ମ୍ୟାନେଜର ଅଜୟ କୁମାର ମହାନ୍ତ ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଥିବା ସିସି ଟିଭି କୁଡିକୁ ଦେଖିବା ସହିତ ଘଟଣା ର ତଦନ୍ତ ଜାରି ରଖିଛି।ସେହିପରି ଶୁକ୍ରବାର ଠାକୁରମୁଣ୍ଡା ବଜାର ର ହନୁମାନ ଛକ ନିକଟରେ ୨ ଜଣ ଯୁବକ ବାଇକ ରେ ଆସି ଅନୁରୂପ ଭାବରେ ଜଣେ ମହିଳା ଙ୍କ ନିକଟରୁ ଭ୍ୟାନେଟି ବ୍ୟାଗ କୁ ଝାମ୍ପି ନେଇ ଆନନ୍ଦପୁର ରାସ୍ତାରେ ଚମ୍ପଟ ମାରିଥିଲେ।ମହିଳା ଙ୍କ ଭ୍ୟାନେଟି ବ୍ୟାଗ ରେ ମୋବାଇ ସହିତ କିଛି ଟଙ୍କା ସହ କାଗଜ ପତ୍ର ରହିଥିଲା।ବଜାର ଭିତରୁ ଦିନ ଦ୍ୱିପ୍ରହର ଜନଗହଳି ସ୍ଥାନରୁ କ୍ରମାନ୍ୱୟ ରେ ଲୁଟ ଘଟଣା ସାଧରଣ ଲୋକେ ଆଶା ଆଶଙ୍କା ରେ ରହୁଛନ୍ତି।ବାରମ୍ବାର ଲୁଟ ଘଟଣା ଘଟୁ ଥିବା ରୁ ସାଧସରଣ ରେ ଚର୍ଚ୍ଚା ର ବିଷୟ ହୋଇଛି ।

# ଚାଷୀ ସମାବେଶ,ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ



**ହାଟଡିହି,(ମହାଭାରତ) :** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ହଦଗଡ଼ ଡ୍ୟାମ ଡାକ ବଙ୍ଗଳା ଠାରେ ଏକ ଚାଷୀ ସମାବେଶ ହୋଇଥିଲା କ୍ଷ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏହି ଚାଷୀ ସମାବେଶରେ ଆୟୋଜିତ ହୋଇଥିଲା କ୍ଷ ଧାନ ର ସହାୟକ ମୂଲ୍ୟ ୩୧୦୦ ଟଙ୍କା ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉକ୍ତ ସଭାରେ ଧନ୍ୟବାଦ ଦିଆଯାଇଥିଲା କ୍ଷ ଏଥିରେ ଓଡ଼ିଶା ର ଏକାଧିକ ଜିଲାର କୃଷକ ନେତା ମାନେ ଏକତ୍ରିତ ହୋଇଥିଲେ କ୍ଷ ମୋଦି ସରକାରଙ୍କ ଡବଲ ଇଞ୍ଜିନ ସରକାର ଯେପରି ଲୋକଙ୍କ ସମସ୍ୟା ତ୍ୱରିତ ସମାଧାନ କରୁଛନ୍ତି, ନିଶ୍ଚିତ ଭାବେ ଆଗାମୀ ଦିନରେ ଚାଷୀ ମାନେ ଏଥର ଉପଯୁକ୍ତ ମୂଲ୍ୟ ପାଇବେ କ୍ଷ କଟନି ଛଟନିକୁ ପ୍ରତି ଜିଲା କୃଷକ ନେତା ମାନେ ଏଥର ଜଗିବା ସହ ଲୋକଙ୍କୁ ଠିକ୍ ଭାବେ ଧାନ ବିକ୍ରିରେ ସହଯୋଗ କରିବାକୁ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ପରାମର୍ଶ ଦେଇଥିଲେ। ସୂର୍ଯ୍ୟ ନାରାୟଣ ମହାପାତ୍ର, ପୁରିନ ପୁହାଣ , ବିକ୍ରମ କେଶରୀ ରାଉତ ରାୟ, ମନୋଜ କୁମାର ସାହୁ ମନୀଷା ଚିନ୍ମୟୀ ବେହେରା, ନନ୍ଦିନୀ ଶତପଥୀ, ଉପେନ୍ଦ୍ର ରାଉଳ, ଅଜୟ ରାଉତ, ସତ୍ୟବାଦୀ ଚଇନି, ସିବ ମିଶ୍ର, ପ୍ରଶାନ୍ତ କୁମାର ସାହୁ, ଜୟଲକ୍ଷ୍ମି ମହାନ୍ତି ଙ୍କସହ ପ୍ରତି ଜିଲାର କୃଷକ ନେତା ମାନେ ଯୋଗ ଦେଇଥିଲେ।

# ବବିଙ୍କ ଜନ୍ମଦିନ ପାଳନ କଲେ ୪ ପଞ୍ଚାୟତର ବିଜେଡି କର୍ମୀ

**ବଡ଼ଚଣା,(ମହାଭାରତ) :** ଗୋଟେ ପଟେ ସରକାରୀ କ୍ୱାଟରରେ ଅଲିଶାନ ବଙ୍ଗଳା କରିବା ଓ ବିଜେଡି ସରକାର ଯିବା ପରେ ରାତା ରାତି ତାକୁ ମାଟିରେ ମିଶେଇ ଦେଇ ଚର୍ଚ୍ଚାରେ ଥିବା ବେଳେ । ଅନ୍ୟ ପେଟ ବିଜେଡି ପୂର୍ବତନ ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକଙ୍କ ପ୍ରଣବ ପ୍ରକାଶ ଦାସଙ୍କ ଜନ୍ମଦିନ ଧୁମ ଧାମରେ ପାଳନ କଲେ ବଡ଼ଚଣା ବ୍ଲକ ନେଳିଆ ଓ ୩ଟି ପଞ୍ଚାୟତର ବିଜେଡି କର୍ମୀ ଓ ତାଙ୍କୁ ଭଲ ପାଉଥିବା ସମର୍ଥକ ମାନେ । ଏନେଇ ଶୁକ୍ରବର ଦିନ ଛତିଆ ପଞ୍ଚାୟତର ଅମରାବତୀ ନିକଟସ୍ଥ ସରକାରୀ କଲ୍ୟାଣୀମଣ୍ଡପରେ ବାଣ ଫୁଟାଇ କେକ କାଟି ବବିଙ୍କ ଜନ୍ମଦିନକୁ ଧୁମ ଧାମରେ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତିନୋଟି ପଞ୍ଚାୟତର ଆଗଧାଡ଼ିର ବିଜେଡି ନେତା ଓ କର୍ମୀଙ୍କୁ ଦେଖିବାକୁ ମିଳିଥିଲା । ବିଜେଡି ନେତା ତଥା କ୍ୟାପଟେନ ରାଜନାରାୟଣ ମହାପାତ୍ର



,କୋଲଣଗିରି ପୂର୍ବତନ ସରପଞ୍ଚ ଜ୍ଞାନରଞ୍ଜନ ସାହୁ ସୋଲାର ସରପଞ୍ଚ ବିଜୟ ସ୍ୱାଇଁ, ସମିତି ସଭ୍ୟ ସଂଜୟ ବେହେରା ,ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରହ୍ଲାଦ ନନ୍ଦ, ଧନେଶ୍ୱର ବେହେରା, ପ୍ରମୁଖ ଉପସ୍ଥିତିରେ କେକ୍ କାଟି ବବିଙ୍କ ଦୀର୍ଘାୟୁ କାମନା କରିବା ସହ ସାଙ୍ଗଠନିକ ଆଲୋଚନା ମଧ୍ୟ ହୋଇଥିଲା । ଏଥିରେ ବଡ଼ଚଣା ବିଜେଡିର ପରାଜୟକୁ ନେଇ ଦଳୀୟ ନେତୃବୃନ୍ଦ ମାନେ କିଛି ସମୟ ଆଲୋଚନା କରିଥିଲେ ଆଗାମୀ ଦିନରେ ଦଳକୁ ମଜବୁତ କରିବା ସହିତ ପଞ୍ଚାୟତ ଦଖଲ ପାଇଁ ବଡ଼ଚଣା ବିଜେଡି ବିରୋଧୀ ଦଳ ଭାବେ ସରକାରଙ୍କୁ କଡା ଜବାବ ଦେବାକୁ ରଣନୀତି ପ୍ରସ୍ତୁତ କରିବ ବୋଲି ନେଳିଆ ସରପଞ୍ଚ ଜୟନ୍ତି ସ୍ୱାଇଁ କହିଥିଲେ ଏବଂ ସୋଲର ପଞ୍ଚାୟତର ସମିତି ସଭ୍ୟ ସଞ୍ଜୟ ବେହେରା କହିଲେ ବିଜେଡ଼ି ସରକାର ଥିବା ବେଳେ ଯାହା ହୋଇନାହିଁ ତାହା ହାରିବା ପରେ ଦେଖିବକୁ ମିଳିଛି। ବିଜେଡ଼ି କର୍ମୀ ସମର୍ଥକ ମାନଙ୍କୁ ବିଜେପି କର୍ମୀ ମାନେ ମିଛ କେସେରେ ଫସେଇ ରାଜନୀତି ରୁଟି ସେକିବା ଆରମ୍ଭ କରିଛନ୍ତି। ବିଧାୟକ ଯେମିତି ଭାଷଣ ଦେଇଥିଲେ କି ବିଜେପି କର୍ମୀ ସମର୍ଥକ ମାନଙ୍କ ଉପରେ କିଏ ବି ଜଣେ ଆଙ୍ଗୁଠି ଦିଅନ୍ତି ତାହାକୁ କେବେହେଲେ କୌଣସି ମୋତେ ବରଦାସ୍ତ କରାଯିବାନେଇ କହିଥିଲେ ସେହିପରି ଆମେ ମଧ୍ୟ କହୁଛି ଯଦି ବିଜେଡ଼ି କର୍ମୀ ସମର୍ଥକ ମାନଙ୍କ ପାଇଁ ହାତ ଦିଅନ୍ତି ତାହାକୁ କେବେହେଲେ ସହଜ ରେ ଗ୍ରହଣ କରାଯିବନି ବିରୋଧୀ ଭାବେ ଏହାର ମୁହଁତୋଡ ଜବାବ ଦିଆଯିବ ।

## ହାତୀ ଆକ୍ରମଣରେ ଜଣେ ମୃତ

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ସାହାରପଡା ବନପାଳ ବିଭାଗ ରାଇଡିହା ବିଟ୍ ପୁରୁଣାପାଣି ସଂରକ୍ଷିତ ଜଙ୍ଗଲ ରେ ୩ ରୁ ୪ ଟି ହାତୀ ରହିଥିବା ଗ୍ରାମବାସୀ ଖବର ପାଇ ଜଙ୍ଗଲ କୁ ଦେଖିବାକୁ ହାତୀ ଯାଇଥିବା ବେଳେ ବ୍ୟକ୍ତି ଜଣକ ହାତୀ ଆକ୍ରମଣ ଶିକାର ହୋଇ ଥିଲେ। ମୃତ ବ୍ୟକ୍ତି ଜଣକ ପୁରୁଣାପାଣି ଗ୍ରାମର ସୋମରା ମୁଣ୍ଡା ବୋଲି ଜଣାପଡି ଛି । ହାତୀ ଆକ୍ରମଣରେ ଜଣକ ମୃତ୍ୟୁ ଖବର ପାଇ ସାହାରପଡା ବନପାଳ ଅଧିକାରୀ ଭୂପତି ସେଠୀ ଘଟଣା ସ୍ଥଳରେ ପହଞ୍ଚି ଥିବା ସୂଚନା ମିଳିଛି।

# ମାପ ଓଜନ ବିଭାଗ ପାଲିଟିଛି ନିଦାବିଷ୍ଟୁ

**ଗଜପତି,(ମହାଭାରତ) :** ଜିଲ୍ଲାରେ ମାପ ଓ ଓଜନ ବିଭାଗ ସ୍ଥାଣୁ ପାଲଟି ଥିବାର ଅଭିଯୋଗ ହେଉଛି। ଜିଲ୍ଲାରେ ଖାଉଟି ଶୋଷଣର ଶିକାର ହେଉଥିବାର ଅଭିଯୋଗ ହେଉଛି।ବିଭାଗ ପେଟ୍ରୋଲ ଟ୍ୟାଙ୍କ, ସୁନା ଦୋକାନ, ବ୍ୟାଙ୍କ, ଗ୍ରୋସରି ଦୋକାନ, ହାଟ, ବଜାର ଯାଞ୍ଚ ହେବା କଥା ସେହିଭଳି ଆଖି ଦୃଷ୍ଟିଆ ଯାଞ୍ଚ ହେଉ ନଥିବାର ଅଭିଯୋଗ ହେଉଛି। ସ୍ୱାଧୀନତା ର ୭୭ ବର୍ଷ ପରେ ମଧ୍ୟ ଲୋକେ ଠକାମୀର ଶିକାର ହେଉ ଥିବାର ଅଭିଯୋଗ ହେଉଛି। ଏବେ ବି ଡିଜିଟାଲ ଯୁଗରେ ମଧ୍ୟ ତରାଜୁ ବଟକର। ଜାରୀ ରହିଛି କିନ୍ତୁ ଏବେ ବି ଲୋକେ ବଟକର। ବଦଳରେ ଜରି ଗୋଡ଼ଇ ପଥରକୁ ବଟକରା ରୂପେ ବହୁଳ ବ୍ୟବହାର ହେଉଥିବାର ଦେଖିବାକୁ ମିଳୁଛି । ପୁରପଲ୍ଲୀ କଥା ଛାଡ଼ ଏବେ ବି ଶହରରେ ଏହିଭଳି ଦୃଶ୍ୟ ଦେଖିବାକୁ ମିଳୁଛି ଲୋକଙ୍କର ସରଳତାର ସୁଯୋଗ ନେଇ ଲୋକଙ୍କୁ ଠକୁଛନ୍ତି ବୋଲି ଅଭିଯୋଗ ହେଉଛି କର୍ମଚାରୀ ଅଭାବର ଆଳ ଦେଖାଇ ଚଢ଼ାଉ ହେଉ ନାହିଁ, ନା ଇଚ୍ଛା ଶକ୍ତିର ଅଭାବ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଲୋକଙ୍କୁ ବିଭାଗ ପକ୍ଷରୁ ସଚେତନତା କରାଯାଉନାହିଁ ଯାହା ଫଳରେ ଲୋକେ ଠକାମି ର ଶିକାର ହେଉଛନ୍ତି । ବିଭାଗ ପକ୍ଷରୁ ଜନ ଗହଳି ହାଟ ବଜାର ଜାଗାରେ ବହୁଳ ସଚେତନତାର ଆବଶ୍ୟକତା ରହିଛି। ଗଜପତି ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ପାହାଡ଼ ପର୍ବତ ଘେର। ଅଞ୍ଚଳ ଏଠା କାର ଲୋକେ ଶାନ୍ତ ସରଳ ଅଟନ୍ତି ଏହାର ସୁଯୋଗ ନେଇ ସାଉକାର ମାନେ ଆଦିବାସୀ ମାନଙ୍କର ଉତ୍ପାଦିତ ଦ୍ରବ୍ୟ ଗୁଡିକ କମ ଦରରେ କିଣି ବଜାରରେ ଚଢାଦରରେ ବିକ୍ରି କରିଥାନ୍ତି ଏପରିକି ଓଜନରେ ମଧ୍ୟ ଠକାମୀର ଶିକାର



ହେଉଥିବାର ଅଭିଯୋଗ ହେଉଛି ସେମାନଙ୍କୁ ସେମାନଙ୍କର ଉଚିତ ପାରିଶ୍ରମିକ ଓ ମୁଲ ପାଇ ପାରୁ ନାହାନ୍ତି।

## ଆସିକା ଚିନିଶିଳ୍ପର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ



**ଆସିକା,(ମହାଭାରତ) :** ଆସିକା ସମବାୟ ଚିନି ଶିଳ୍ପ ଲିଃ ପରିଚାଳନା ପରିଷଦ ବୈଠକ ଚିନିଶିଳ୍ପ ସଭା ଗୃହ ଠାରେ ପରିଚାଳନା ପରିଷଦ ର ସଭାପତି ରବୀନ୍ଦ୍ର ନାଥ ପଣ୍ଡାଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ପରିଚାଳନା ନିର୍ଦ୍ଦେଶକ ପ୍ରମୋଦ କୁମାର ପୃଷ୍ଟି ପରିଚାଳନା ପରିଷଦ ର ଉପାଧକ୍ଷା ସ୍ନେହ ଲତା ଚଣ୍ଡ,ପରିଚାଳନା ପରିଷଦର ନିର୍ଦ୍ଦେଶକ ପୂର୍ଣ୍ଣ ଚନ୍ଦ୍ର ବରାଡ଼, ସନ୍ତୋଷ ପ୍ରଧାନ, ବସନ୍ତ କୁମାର ଦଳାଇ ସମେତ ଅଧିକାଂଶ ନିର୍ଦ୍ଦେଶକ ଉପସ୍ଥିତ ରହି । ଚିନିକାରଖାନା ର ସମ୍ପାଦକ ଚନ୍ଦ୍ର ଶେଖର ରେଡି ପୂର୍ବ ପାଠର ବିବରଣୀ ପଠନ କରିଥିଲେ । ଚଳିତ ୨୦୨୩-୨୪,୨୦୨୪-୨୫ ଆର୍ଥିକ ବର୍ଷର ଅନୁଦାନ ବିଷୟରେ ଆଲୋଚନା ହୋଇଥିଲା । ଆଖୁ ଚାଷ ର ବହୁଳ ପ୍ରଚାର ପ୍ରସାର ନିମନ୍ତେ ବୈଷୟିକ ଜ୍ଞାନ କୌଶଳରେ ଆଖୁ ଉନ୍ନୟନ ବିଭାଗ ମାଧ୍ୟମରେ ଧାଡି ରୁଆ, ମୂଳି ଆଖୁ ଚାଷ ଏବଂ ବିହନ କ୍ଷେତ କରିବା ନିମନ୍ତେ ଆଖୁ ଚାଷୀ ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଚିନିଶିଳ୍ପ ର ଡିଷ୍ଟଲେରୀ ପଏଣ୍ଟ କିଭଳି ଅଗଷ୍ଟ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ସେଥି ପ୍ରତି ଗୁରୁତ୍ୱ ଦିଆଯାଇଥିଲା । ଚିନିଶିଳ୍ପ ଅଧୀନରେ ଥିବା ପୁରାତନ ମାର୍କେଟ କମ୍ପ୍ଲେକ୍ସ କୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରିବାକୁ ସ୍ଥିର କରାଯାଇଥିଲା । ଆସନ୍ତା ଘୋଷଯାତ୍ରା ନିମନ୍ତେ ଶାନ୍ତି ଶୃଙ୍ଖଳା, ନୀତିକାନ୍ତି ଏବଂ ସମସ୍ତ ସହଯୋଗରେ ସମାପ୍ତ କରିବାକୁ ସ୍ଥିର କରାଯାଇଥିଲା ।

## ପୋଲକାଶୁନି ଯାତ୍ରା ଅବସରରେ ଚୈତନ୍ୟ ଝାଙ୍କି ଉଦ୍‌ଘାଟିତ



**ଆସିକା,(ମହାଭାରତ) :** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆସିକା ସେବାକେନ୍ଦ୍ର ତରଫରୁ ମା ଫୁଲକେଶିନିଙ୍କ ଯାତ୍ରା ଅବସରରେ ସ୍ଥାନୀୟ କୃଷ୍ଣ ସିଂହ ପାଠାଗାର ପ୍ରାଙ୍ଗଣରେ ଆୟୋଜିତ ଚୈତନ୍ୟ ଦେବୀ ମଣ୍ଡପରେ ଚୈତନ୍ୟ ଦେବୀ ଙ୍କର ମେଢ଼ ଆସିକା ବିଧାୟକଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ସହରବାସୀଙ୍କୁ ପରମାତ୍ମା ଶିବପିତାଙ୍କ କଲ୍ୟାଣକାରୀ ସନ୍ଦେଶ ପ୍ରଦାନ କରିବା ସହିତ ଚୈତନ୍ୟ ଝାଙ୍କିର ଆଧ୍ୟାତ୍ମିକ ରହସ୍ୟ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଆସିକା ବିଧାୟକ ଯାତ୍ରା ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହିତ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଆସିକା ବାର୍ ଆସୋସିଏସନର ସଭାପତି ସୁଧାଂଶୁ ପଣ୍ଡା, ସନ୍ଦୀପ ପାଢୀ, ସଙ୍ଗୀତ ପାଢୀ, ବିଧାୟକଙ୍କ ପ୍ରତିନିଧି ବିଜୟ ସ୍ୱାଇଁ ମଞ୍ଚାସୀନ ଥିଲେ । ବ୍ରହ୍ମାକୁମାର ସତ୍ୟ ପ୍ରିୟ କାର୍ଯ୍ୟକ୍ରମ ସଂଚାଳନକ୍ଷ କରିଥିବା ବେଳେ ବାର ଆସୋସିଏସନ ର ପୂର୍ବତନ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଧାୟକ ମହୋଦୟ ଶ୍ରଦ୍ଧାଳୁ ସହରବାସୀଙ୍କୁ ଈଶ୍ୱରୀୟ ପ୍ରସାଦ ବିତରଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ ।

## ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ସେବା ସପ୍ତାହ ପାଳିତ

**ଦାନଗଦୀ,(ମହାଭାରତ) :** ଆଜି ଦାନଗଦି ବ୍ଲକ ଅନ୍ତର୍ଗତ ମାନତୀରା ଗ୍ରାମରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ର ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି, ଏହି ଗାଁ ର ଜଗନ୍ନାଥ ମନ୍ଦିର ପଡିଆ ପାଖ ବଜରଙ୍ଗ ଦଳ କାର୍ଯ୍ୟାଳୟ ଠାରେ ସଂଗଠନ ତରଫରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଓ ଜଗନ୍ନାଥ ମନ୍ଦିର ପରିସରରେ ସଫେଇ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସେବା ସପ୍ତାହ କାର୍ଯ୍ୟ କ୍ରମରେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ଗୋରକ୍ଷା ପ୍ରମୁଖ ମଦନ ମୋହନ ବିନ୍ଧାଣି। ଜିଲ୍ଲା ପ୍ରଚାର ପ୍ରସାର ପ୍ରମୁଖ ଶ୍ରୀକାନ୍ତ ମହାପାତ୍ର। ସରସ୍ଥିପୃଷ୍ଟି ପ୍ରାନ୍ତ ବିସ୍ତାରକ ପ୍ରମୁଖ ସୁବାସ ମହାରଣା। ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ବସନ୍ତ କୁମାର ପାତ୍ର. ଦାନଗଦି ପ୍ରଖଣ୍ଡ ସଂଯୋଜକ ଚିତ୍ତରଞ୍ଜନ ସିଂ. ପ୍ରଖଣ୍ଡ ସହ ସଂଯୋଜକ ଶୁଭ ଆଶୀର୍ବାଦ ଓଝା, ଶୁଭ୍ରାଂଶୁ ଶତପଥି,ଶାନ୍ତନୁ ସାହୁ, ଶିବପ୍ରସାଦ ପାଲ, ଅରୁଣ ଦାସ, ସୋମ୍ୟରଞ୍ଜନ ଜେନା, ସୂର୍ଯ୍ୟପ୍ରକାଶ ଚୌଧୁରୀ ସମେତ ସମସ୍ତ କାର୍ଯ୍ୟ କର୍ତ୍ତା ସହଯୋଗ କରିଥିଲେ।



## ରାତିରେ ବୁଲୁଛନ୍ତି ଲୁଟେରା
## ସର୍ଗିଗୁଡ଼ାରେ ତାଲା ଭାଙ୍ଗି ଲୁଟ୍ ଉଦ୍ୟମ



**କୋକସରା,(ମହାଭାରତ):** ଦିନ ହେଉ କି ରାତି ସୁଯୋଗ ଦେଖି ଲୁଟି ନେଉଛନ୍ତି ଲୁଟେରା। କୋକସରା ଅଞ୍ଚଳରେ ସଟର ଭାଙ୍ଗି ଦୋକାନ ଘରକୁ ପଶି ଲୁଟ୍ କରିବା ସହ ଅସ୍ତ୍ର ଶସ୍ତ୍ର ଦେଖାଇ ଦିନ ବେଳେ ରାସ୍ତାରେ ମଧ୍ୟ ଲୋକଙ୍କ ଠାରୁ ଟଙ୍କା ପଇସା ଲୁଟ୍ କରୁଛନ୍ତି ଲୁଟେରା। କେବେ ଅସ୍ତ୍ର ଶସ୍ତ୍ର ଦେଖାଇ ଲୋକଙ୍କ ଘରେ ପଶି ମଧ୍ୟ ଲୁଟ୍ କରୁଥିବା ବେଳେ କେବେ କେବେ କାହାର ବାଇକ୍ କୁ ମଧ୍ୟ ଉଠାଇ ନେଇ ଯାଉଛନ୍ତି। କେହି ମଧ୍ୟ ସେହି ଲୁଟେରା ମାନଙ୍କର ସୁରାକ୍ ଟିକେ ବି ପାଇ ପାରୁ ନାହାଁନ୍ତି। ପୋଲିସ ପ୍ରଶାସନ ଥାଇ ମଧ୍ୟ ନଥିଲା ସାଙ୍ଗେ ସମାନ ହୋଇ ଯାଉଛି ଅଞ୍ଚଳରେ। କୋକସରା ବ୍ଲକ ଅଞ୍ଚଳରେ ଅନେକ ଚୋରି, ଡକାୟତି ଦିନକୁ ଦିନ ବଢିବାରେ ଲାଗିଛି । ଗତ ରାତିରେ କୋକସରା ବ୍ଲକ, ଡହଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସର୍ଗିଗୁଡା ଗ୍ରାମରେ ଲୁଟ୍ ଉଦ୍ୟମ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଉକ୍ତ ଗ୍ରାମର ଚାରି ଛକ୍ ପଡ଼ାର ପୁରୁଷୋତ୍ତମ ସିଂ ରାଜପୁତ ଏବଂ ସ୍କୁଲ୍ ପଡ଼ାର କ୍ଷୀରୀ ନାଏକଙ୍କ ଦୋକାନରେ ଲୁଟେରା ମାନେ ତାଲା ଭାଙ୍ଗି ଲୁଟ୍ ଉଦ୍ୟମ କରୁଥିବା ବେଳେ ପରିବାର ଲୋକେ ନିଦରୁ ଉଠିପଡିଥିବାରୁ ଲୁଟେରା ମାନେ ବାଇକ୍ ଧରି ଚମ୍ପଟ ମାରିଥିଲେ। ଲୁଟେରା ମାନେ କିଛି ନେଇ ନ ଥିବା ଜଣା ପଡ଼ିଛି। କୋକସରା ପୋଲିସ୍ ପ୍ରଶାସନ ତରଫରୁ ରାତିରେ କୋକସରା ବ୍ଲକ ଅଞ୍ଚଳରେ ଧନ ଜୀବନ ସୁରକ୍ଷା ଏବଂ ଚୋରି ଡକାୟତିରୁ ସୁରକ୍ଷିତ ରହିବା ପାଇଁ ପେଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ଭାବରେ କରିବାକୁ ସାଧାରଣରେ ଦାବୀ ହେଉଛି।

# ବିଶ୍ୱ ଚାମ୍ପିଅନ୍ ପରେ ଖୁସିର ଲହରୀ








## ଟି-୨୦ରୁ ଅବସର ନେଲେ କୋହଲି, ରୋହିତ ଓ ଜାଡେଜା





ନୂଆଦିଲ୍ଲୀ,୩୦।୬: ଟି-୨୦ ବିଶ୍ୱକପ୍ ଜିଣିବା ପରେ ବିରାଟ କୋହଲି, ରୋହିତ ଶର୍ମା ଓ ରବିନ୍ଦ୍ର ଜାଡେଜା ଏହି ଛୋଟ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ମ୍ୟାଚ ସମାପ୍ତ ପରେ ପରେ ଷ୍ଟାର ବ୍ୟାଟ୍ସମ୍ୟାନ୍ ବିରାଟ କୋହଲିଙ୍କ ପରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ମଧ୍ୟ ଏକ ବଡ଼ ଘୋଷଣା କରିଥିବାବେଳେ ଆଜି ଜାଡେଜା ଟି-୨୦ ଇଣ୍ଟରନ୍ୟାସନାଲରୁ ଅବସର ନେଇଛନ୍ତି। ଫାଇନାଲ ଜିତିବା ପରେ ସାମ୍ବାଦିକ ସମ୍ମିଳନୀରେ କୋହଲି ଓ ରୋହିତ ଟି-୨୦ ଇଣ୍ଟରନ୍ୟାସନାଲରୁ ଅବସର ଘୋଷଣା କରିଛନ୍ତି।

ରୋହିତ ବିଶ୍ୱକପ ଜିତିବା ପରେ କେବଳ ଏହି ଫର୍ମାଟରୁ ଅବସର ନେଇ ନାହାନ୍ତି, ତାଙ୍କ ନାମରେ ବିଶ୍ୱ ରେକର୍ଡ ମଧ୍ୟ ରଖିଛନ୍ତି। ଟି-୨୦ ଇଣ୍ଟରନ୍ୟାସନାଲରେ ରୋହିତ ସର୍ବାଧିକ ରନ୍ ସ୍କୋରର ଅଟନ୍ତି। ରୋହିତ ୧୫୯ ଟି-୨୦ ମ୍ୟାଚରେ ୪୨୩୧ ରନ ସହ କ୍ୟାରିୟର ଶେଷ କରିଛନ୍ତି।ଏହି ଫର୍ମାଟରେ ତାଙ୍କର ସର୍ବାଧିକ ୫ ଶତକର ରେକର୍ଡ ମଧ୍ୟ ରହିଛି।

୨୦୧୦ରେ ଜିମ୍ବାୱେ ବିପକ୍ଷରେ ଭାରତ ପାଇଁ ଟି-ଟ୍ୱେଣ୍ଟି ଡେବ୍ୟୁ କରିଥିଲେ ବିରାଟ କୋହଲି। ଆଉ ଗତକାଲି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିଲେ ଟି-ଟ୍ୱେଣ୍ଟି କ୍ୟାରିୟରର ଶେଷ ମ୍ୟାଚ୍। ସେ ୧୨୫ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିଥିବା ବେଳେ ୪୧୮୮ ରନ୍ ସଂଗ୍ରହ କରିଛନ୍ତି। ତା ମଧ୍ୟରେ ଗୋଟିଏ ଶତକ ଓ ୩୮ଟି ଅର୍ଦ୍ଧ ଶତକ ରହିଛି।

ସେହିପରି ଜାଡେଜା ୭୪ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୫୧୫ ରନ୍ କରିଥିବା ବେଳେ ୫୪ଟି ୱିକେଟ ଅକ୍ତିଆର କରିଛନ୍ତି।ତେବେ ସେ ଟେଷ୍ଟ, ଦିନିକିଆ ଓ ଆଇପିଏଲ୍ ଖେଳିବେ ବୋଲି ଜଣାପଡ଼ିଛି। ରବୀନ୍ଦ୍ର ଜାଡେଜାଙ୍କ -୨୦ ଅନ୍ତର୍ଜାତୀୟ କ୍ୟାରିୟର୍ ୨୦୦୯ ମସିହା ଫେବ୍ରୁଆରୀ ୧୦ ତାରିଖରେ ଆରମ୍ଭ ହୋଇଥିଲା। ସେ ପ୍ରଥମ ମ୍ୟାଚ ଶ୍ରୀଲଙ୍କା ବିରୋଧରେ କଲମ୍ବୋରେ ଖେଳିଥିଲେ। ଡେବ୍ୟୁ ମ୍ୟାଚରେ ସେ ୪ ଓଭର ବୋଲିଂ କରି ୨୯ ରନ୍ ଦେଇଥିଲେ। ମାତ୍ର କୌଣସି ୱିକେଟ୍ ଅକ୍ତିଆର କରିପାରିନଥିଲେ। ଭାରତୀୟ ଅଧିନାୟକ ରୋହିତ କହିଥିଲେ ଯେ, ଏହା ମୋର ଶେଷ ଟି-୨୦ ମ୍ୟାଚ୍ ଥିଲା। ଏହି ଫର୍ମାଟକୁ ବିଦାୟ ଦେବା ପାଇଁ ଏକ ଭଲ ସମୟ ଏହାଠାରୁ ଆଉ କିଛି ହୋଇପାରିବ ନାହିଁ। ମୁଁ ଟି-୨୦ ଇଣ୍ଟରନ୍ୟାସନାଲ୍‌ର ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିଛି। ରୋହିତ ଆହୁରି କହିଛନ୍ତି ଯେ ମୁଁ ଏହି ଫର୍ମାଟରେ ଖେଳୁଥିବା ଭାରତ ପାଇଁ ମୋର କ୍ୟାରିୟର ଆରମ୍ଭ କରିଥିଲି ମୁଁ ବିଶ୍‌କପ ଜିତିବାକୁ ଚାହୁଁଥିଲି। ରୋହିତ କହିଛନ୍ତି ମୁଁ ଏହା ଚାହୁଁଥିଲି ଏହାକୁ ଶବ୍ଦରେ ବ୍ୟାଖ୍ୟା କରିବା କଷ୍ଟକର ହେବ। ଏହା ମୋ ପାଇଁ ଏକ ଅତ୍ୟନ୍ତ ଭାବପ୍ରବଣ ମୁହୂର୍ତ୍ତ। ଏହି ଟାଇଟଲ୍ ପାଇଁ ମୁଁ ସବୁବେଳେ ଉତ୍ସାହିତ ଥିଲି ଶେଷରେ ଏହି ମାଇଲଖୁଣ୍ଟ ହାସଲ କରି ମୁଁ ବହୁତ ଖୁସି । ତେବେ ସେ ଟେଷ୍ଟ ଏବଂ ଏକଦିବସୀୟ ଖେଳିବା ଜାରି ରଖିବେ ବୋଲି ରୋହିତ ନିଶ୍ଚିତ କରିଛନ୍ତି। ଏହାର ଅର୍ଥ ହେଉଛି ଭାରତୀୟ ପ୍ରଶଂସକମାନେ ତାଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍‌ର ଦୁଇଟି ଫର୍ମାଟରେ ଖେଳୁଥିବା ଦେଖିବାକୁ ପାଇବେ।

ରୋହିତ ପୂର୍ବରୁ ଖେଳାଳି ଭାବରେ ଟି-୨୦ବିଶ୍ୱକପ ୨୦୦୭ ଜିତିଥିଲେ। ୧୭ ବର୍ଷ ପରେ, ସେ ଅଧିନାୟକ ହୋଇ ଏବେ ଏହାକୁ ଜିତିଛନ୍ତି। ମହାରାଷ୍ଟ୍ରର ନାଗପୁରରୁ ଆସିଥିବା ଭାରତୀୟ ଅଧିନାୟକ ୧୯ ସେପ୍ଟେମ୍ବର ୨୦୦୭ରେ ଇଂଲଣ୍ଡ ବିପକ୍ଷରେ ଟି-୨୦ ଅନ୍ତର୍ଜାତୀୟରେ ଖେଳିବା ଆରମ୍ଭ କରିଥିଲେ ବିଶେଷ କଥା ହେଉଛି ରୋହିତଙ୍କୁ ସେହି ମ୍ୟାଚ୍‌ରେ ବ୍ୟାଟିଂ କରିବାର ସୁଯୋଗ ମିଳି ନ ଥିଲା, କିନ୍ତୁ ଏହା ପରେ ଯେତେବେଳେ ସେ ପଡ଼ିଆକୁ ଆସିଲେ ସେତେବେଳେ ଲକ୍ଷ ଲକ୍ଷ କ୍ରିକେଟପ୍ରେମୀଙ୍କ ହୃଦୟରେ ସ୍ଥାନ ପାଇଥିଲେ।

## ପିଚକୁ ପ୍ରଣାମ ଜଣାଇ ମୁଖରେ ଦେଲେ ପିଚର ମାଟି



ବ୍ରିଜଟାଉନ,୩୦।୬(ଏଜେନ୍ସି):୧୭ ବର୍ଷ ପରେ ଭାରତ ପୁଣି ଥରେ ଟି-୨୦ ବିଶ୍ୱ ଚାମ୍ପିଅନ ହୋଇଛି ବାର୍ବାଡୋସର ବ୍ରିଜଟାଉନଠାରେ ଶନିବାର ଖେଳାଯାଇଥିବା ଫାଇନାଲରେ ଭାରତ ଦକ୍ଷିଣ ଆଫ୍ରିକାକୁ ୭ ରନରେ ପରାସ୍ତ କରି ଚାମ୍ପିଅନ ହୋଇଛି ।ଏହି ବିଜୟ ପରେ ରୋହିତ ଶର୍ମା ଭାବବିହ୍ୱଳ ହୋଇପଡ଼ିଥିଲେ। ଯାହାର ଏକ ଭିଡିଓକୁ ଆଇସିସି ସେୟାର କରିଛି।

ଆଇସିସି ସେୟାର କରିଥିବା ଏହି ଭିଡିଓରେ ଦେଖିବାକୁ ମିଳୁଛି, ଯେଉଁଥିରେ ରୋହିତ ଶର୍ମା ବିଶ୍ୱ ବିଜେତା ହେବାପ୍ରେ ବାର୍ବାଡୋସର ପିଚକୁ ପ୍ରଣାମ ଜଣାଇ ତାର ମାଟିକୁ ମୁଖରେ ଦେଇଥିବା ଦେଖିବାକୁ ମିଳିଥିଲା ରୋହିତଙ୍କ ଏହି ସ୍ୱଭାବ ଦେଖି କ୍ରିକେଟପ୍ରେମୀ ଖୁବ ଖୁସି ହୋଇଯାଇଛନ୍ତି। ଫାଇନାଲ ଜିତିବା ପରେ ଷ୍ଟାର ବ୍ୟାଟ୍ସମ୍ୟାନ୍ ବିରାଟ କୋହଲିଙ୍କ ପରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଟି-୨୦ ଇଣ୍ଟରନ୍ୟାସନାଲରୁ ଗତ ଶନିବାର ଅବସର ନେଇଥିବା ଘୋଷଣା କରିଥିଲେ। ରୋହିତ ଶର୍ମା ଏହି ଅବସର ଘୋଷଣା କରି କହିଥିଲେ, ଏହା ମୋର ଶେଷ ଟି-୨୦ ମ୍ୟାଚ୍ ଥିଲା ଏହି ଫର୍ମାଟକୁ ବିଦାୟ ଦେବା ପାଇଁ ଏକ ଭଲ ସମୟ ଏହାଠାରୁ ଆଉ କିଛି ହୋଇପାରିବ ନାହିଁ। ମୁଁ ଟି-୨୦ ଇଣ୍ଟରନ୍ୟାସନାଲ୍‌ର ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିଛି।ରୋହିତ ଆହୁରି କହିଛନ୍ତି ଯେ ମୁଁ ଏହି ଫର୍ମାଟରେ ଖେଳୁଥିବା ଭାରତ ପାଇଁ ମୋର କ୍ୟାରିୟର ଆରମ୍ଭ କରିଥିଲି ମୁଁ ବିଶ୍‌କପ ଜିତିବାକୁ ଚାହୁଁଥିଲି। ଆଉ ଜିତିବି ଗଲି ଏହାର ଖୁସିକୁ ଶବ୍ଦରେ ବ୍ୟାଖ୍ୟା କରିବା କଷ୍ଟକର ହେବ ଏହା ମୋ ପାଇଁ ଏକ ଅତ୍ୟନ୍ତ ଭାବପ୍ରବଣ ମୁହୂର୍ତ୍ତଏହି ଟାଇଟଲ୍ ପାଇଁ ମୁଁ ସବୁବେଳେ ଉତ୍ସାହିତ ଥିଲି ଶେଷରେ ଏହି ମାଇଲଖୁଣ୍ଟ ହାସଲ କରି ମୁଁ ବହୁତ ଖୁସି ।

## ବିଦାୟ ନେଲେ ରାହୁଲ



କୋଲକାତା,୩୦।୬(ଏଜେନ୍ସି): ଭାରତ ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ ବିଜୟୀ ହୋଇଛି। ଏହା ସହିତ ଭାରତୀୟ କ୍ରିକେଟରେ ଏକ ବଡ଼ ଯୁଗର ଶେଷ ହୋଇଛି। ବିଜୟ ସହିତ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ବିଦାୟ ନେଇଛନ୍ତି। ରାହୁଲ ଦ୍ରାବିଡଙ୍କୁ ଟିମ୍ ଇଣ୍ଡିଆ ସହିତ କୌଣସି ଫର୍ମାଟରେ ଦେଖିବାକୁ ମିଳିବ ନାହିଁ। କୋଚ୍ ଭାବେ ତାଙ୍କର କାର୍ଯ୍ୟକାଳ ଶେଷ ହୋଇଛି। ଟିମ୍ ଇଣ୍ଡିଆ। ତାଙ୍କୁ ଚାମ୍ପିଅନ୍ କୋଚ୍ କରି ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରୁ ବିଦାୟ ଦେଇଛି। ରାହୁଲ ଦ୍ରାବିଡ କହିଛନ୍ତି ଯେ ସେ ରୋହିତ ଶର୍ମାଙ୍କୁ ବହୁତ ମିସ୍ କରିବେ। ରୋହିତଙ୍କ ଅବସର ନେଇ ରାହୁଲ ଦ୍ରାବିଡ଼ଙ୍କ ଉପରେ ନିଜର ଭାବନା ପ୍ରକାଶ କରିଛନ୍ତି। ମୁଁ ରୋହିତ ଶର୍ମାଙ୍କୁ ବହୁତ ମିସ୍ କରିବି। ରାହୁଲ ଦ୍ରାବିଡ କହିଛନ୍ତି, ମୁଁ ତାଙ୍କୁ ଜଣେ ବ୍ୟକ୍ତି ଭାବରେ ତାଙ୍କୁ ମନେ ପକାଇବି। ଯିଏ ମୋତେ ପ୍ରଭାବିତ କରିଥାନ୍ତି। ସେ ହେଉଛନ୍ତି ସେହି ବ୍ୟକ୍ତି ରୋହିତ ମୋତେ ଦେଇଥିବା ସମ୍ମାନ, ଦଳ ପ୍ରତି ତାଙ୍କର ଯତ୍ନ ଏବଂ ପ୍ରତିବଦ୍ଧତା, ସେ କିପରି ଭାବରେ ଶକ୍ତି ପ୍ରଦର୍ଶନ କରିଥିଲେ ଏବଂ ପଛକୁ ଫେରି ନ ଥିଲେ ମୋ ପାଇଁ ରୋହିତ ସେହି ବ୍ୟକ୍ତି ହେବେ ଯାହାଙ୍କୁ ମୁଁ ଅଧିକ ମିସ୍ କରିବି। ଖେଳାଳି ଭାବରେ ନୁହେଁ ବରଂ ଜଣେ ପ୍ରଶିକ୍ଷକ ଭାବରେ ଚାମ୍ପିଅନ୍ ଭାବେରେ ରାହୁଲ ବିଜୟୀ ହୋଇଛନ୍ତି ଟ୍ରଫି ଜିତିବା ପରେ ରାହୁଲ ଦ୍ରାବିଡ କହିଛନ୍ତି ଯେ ଜଣେ ଖେଳାଳି ଭାବରେ ମୁଁ ଟ୍ରଫି ଜିତିବା ପାଇଁ ସୌଭାଗ୍ୟବାନ୍ ନୁହେଁ, କିନ୍ତୁ ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ କଲି ମୋତେ ସୌଭାଗ୍ୟବଶତଃ ଏକ ଦଳର ପ୍ରଶିକ୍ଷଣର ସୁଯୋଗ ଦିଆଗଲା।ମୁଁ ଭାଗ୍ୟବାନ ଯେ ଏହି ଦଳର ସଦସ୍ୟମାନେ ମୋ ପାଇଁ ଏହି ଟ୍ରଫି ଜିତିବା ସମ୍ଭବ କଲେ ଏହା ଏକ ଚମତ୍କାର ଅନୁଭବ, ମୁଁ କୌଣସି ଲକ୍ଷ୍ୟ ରଖିଥିଲି, ଏହା କେବଳ ମୁଁ କରୁଥିବା କାର୍ଯ୍ୟ ଥିଲା। ଖେଳାଳିମାନେ ପଡ଼ିଆରେ ଖେଳିଥିଲେ।

## ଟିମ୍ ଇଣ୍ଡିଆ ସହ ଫୋନରେ କଥା ହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩୦।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଭାରତୀୟ କ୍ରିକେଟ୍ ଦଳ ସହ ଫୋନ୍‌ରେ କଥା ହୋଇ ସମଗ୍ର ଦଳକୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ ରୋହିତ ଶର୍ମାଙ୍କୁ ଉତ୍କୃଷ୍ଟ ଅଧିନାୟକତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଟି-୨୦ କ୍ୟାରିୟରକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଫାଇନାଲରେ ବିରାଟ କୋହଲିଙ୍କ ଇନିଂସ ଏବଂ ଭାରତୀୟ କ୍ରିକେଟରେ ତାଙ୍କର ଅବଦାନକୁ ମଧ୍ୟ ପ୍ରଶଂସା କରିଛନ୍ତି।



ପ୍ରଧାନମନ୍ତ୍ରୀ ମୋଦୀ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଶେଷ ଓଭର ପାଇଁ ଏବଂ ସୂର୍ଯ୍ୟକୁମାର ଯାଦବଙ୍କୁ ତାଙ୍କର କ୍ୟାଚ୍ ଧରିବା ପାଇଁ ପ୍ରଶଂସା କରିଛନ୍ତି।ସେ ଜସପ୍ରୀତ ବୁମରାଙ୍କ ଅବଦାନକୁ ମଧ୍ୟ ପ୍ରଶଂସା କରିଛନ୍ତି ଭାରତୀୟ କ୍ରିକେଟରେ ଅବଦାନ ପାଇଁ ପ୍ରଧାନମନ୍ତ୍ରୀ ରାହୁଲ ଦ୍ରାବିଡଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଶେଷ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟା ଚମତ୍କାର ବୋଲିଂ କରିଥିଲେ ମ୍ୟାଚରେ ବିପଜ୍ଜନକ ଦେଖାଯାଉଥିବା ଡେଭିଡ ମିଲରଙ୍କୁ ସୂର୍ଯ୍ୟକୁମାର କ୍ୟାଚ୍ ଧରିଥିଲେ। ସେହିଭଳି ବୁମରା ତାଙ୍କ ଚମତ୍କାର ବୋଲିଂ ଆଧାରରେ ଭାରତୀୟ ଦଳକୁ ମ୍ୟାଚକୁ ଫେରାଇ ଆଣିଥିଲେ।

ଶନିବାର ରାତିରେ ଟିମ୍ ଇଣ୍ଡିଆର ବିଶ୍ୱକପ୍ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଭିଡିଓ ବାର୍ତ୍ତା ଦେଇଛନ୍ତି। ଏଥିରେ ସେ ବିଜୟ ପାଇଁ ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇ ସେମାନଙ୍କୁ ଚାମ୍ପିଅନ୍ ଘୋଷଣା କରିଛନ୍ତି ସେ କହିଛନ୍ତି ଯେ ବିଶ୍ୱକପ ସହିତ ଟିମ୍ ଇଣ୍ଡିଆର ଖେଳାଳିମାନେ କୋଟି କୋଟି ଲୋକଙ୍କ ହୃଦୟ ଜିତିଛନ୍ତି ଭାରତୀୟ କ୍ରିକେଟ୍ ଦଳ ୧୭ ବର୍ଷର ଅପେକ୍ଷାକୁ ସମାପ୍ତ କରି ଶନିବାର ଦିନ ଏକ ରୋମାଞ୍ଚକର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ସାତ ରନ୍‌ରେ ପରାସ୍ତ କରି ଟି-୨୦ ବିଶ୍ୱକପ୍ ଟାଇଟଲ୍ ଜିତିଛି।

ଟୁଇଟରରେ ପୋଷ୍ଟ କରାଯାଇଥିବା ଭିଡିଓରେ ପିଏମ ମୋଦୀ କହିଛନ୍ତି, ଚାମ୍ପିଅନ୍ସ! ଆମ ଦଳ ଟି-୨୦ ବିଶ୍ୱକପକୁ ବହୁତ ଭଲ ଶୈଳୀରେ ଆଣିଛି ଆମେ ଭାରତୀୟ କ୍ରିକେଟ୍ ଦଳ ପାଇଁ ଗର୍ବିତ ସେ କହିଛନ୍ତି ଯେ ୧୪୦ କୋଟିରୁ ଅଧିକ ଭାରତୀୟ ଆମର ସମସ୍ତ କ୍ରିକେଟରଙ୍କ ପ୍ରଦର୍ଶନ ପାଇଁ ଗର୍ବିତ ଅନୁଭବ କରୁଛନ୍ତି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ପଡ଼ିଆରେ ଏହି କପ୍ ଜିତିଛନ୍ତି ଏବଂ ଦେଶର ପ୍ରତ୍ୟେକ ଗାଁ ଏବଂ ରାସ୍ତାରେ କୋଟି କୋଟି ଭାରତୀୟଙ୍କ ହୃଦୟ ଜିତିଛନ୍ତି। ସେ କହିଛନ୍ତି ଯେ ସମଗ୍ର ଟୁର୍ନାମେଣ୍ଟରେ ଭାରତ ଗୋଟିଏ ବି ମ୍ୟାଚ୍ ହାରିନାହିଁ ଏହା କୌଣସି ଛୋଟ ସଫଳତା ନୁହେଁ, କାରଣ ଏଥିରେ ଅନେକ ଦଳ ଥିଲେ।

## ଟିମ୍ ଇଣ୍ଡିଆକୁ ମିଳିବ ୧୨୫ କୋଟି ଘୋଷଣା କଲା ବିସିସିଆଇ

**ମୁମ୍ବାଇ,୩୦।୬(ଏଜେନ୍ସି):** ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଟି-୨୦ ବିଶ୍ୱକପ୍ ୨୦୨୪ର ଫାଇନାଲ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଦଳକୁ ୭ ରନରେ ପରାସ୍ତ କରି ଦ୍ୱିତୀୟ ଥର ପାଇଁ ଟାଇଟଲ୍ ଜିତିବାରେ ସଫଳ ହୋଇଛି। ଏହାକୁ ନେଇ ସାରା ଦେଶରେ ଉତ୍ସବ ପାଳନ କରାଯାଉଛି।



ସେପଟେ ଦଳର ଏହି ଚମତ୍କାର ପ୍ରଦର୍ଶନ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ପୁରସ୍କାର ରାଶି ଘୋଷଣା କରିଛି, ଯେଉଁଥିରେ ଖେଳାଳି ଏବଂ ସପୋର୍ଟ ଷ୍ଟାଫଙ୍କୁ ମୋଟ ୧୨୫ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ବିସିସିଆଇ ସମ୍ପାଦକ ଜୟ ଶାହା ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ନିଜ ଟ୍ୱିଟରେ ଶାହ ଲେଖିଛନ୍ତି ଯେ ସଂପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟଯାକ ଟିମ ଇଣ୍ଡିଆ। ଅସାଧାରଣ ଦକ୍ଷତା ଓ ଧୈର୍ଯ୍ୟ ଓ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଟି-୨୦ ବିଶ୍ୱକପ ଜିତିବା ପରେ ଟିମ ଇଣ୍ଡିଆକୁ ୨.୪୫ ନିୟୁତ ଡଲାର ବା ପ୍ରାୟ ୨୦.୪୨ କୋଟି ଟଙ୍କାର ପୁରସ୍କାର ରାଶି ମିଳିବ। ଏହା ବାଦ ବିସିସିଆଇ ପକ୍ଷରୁ ଟିମ୍ ପାଇଁ ୧୨୫ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି।

## ବିରାଟ ଓ ରୋହିତଙ୍କ ସ୍ତ୍ରୀ ସେୟାର କଲେ ଭାବବିହ୍ୱଳ ପୋଷ୍ଟ

**ନୂଆଦିଲ୍ଲୀ,୩୦।୬(ଏଜେନ୍ସି):** ବାର୍ବାଡୋସର ବ୍ରିଜଟାଉନଠାରେ ଶନିବାର ଖେଳାଯାଇଥିବା ଫାଇନାଲରେ ଭାରତ ଦକ୍ଷିଣ ଆଫ୍ରିକାକୁ ୭ ରନରେ ପରାସ୍ତ କରି ଚାମ୍ପିଅନ ହେବାପରେ ଦଳକୁ ବିଭିନ୍ନ ଦିଗରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଅନ୍ୟପକ୍ଷରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅବସର ଘୋଷଣା କ୍ରିକେଟ ଖେଳପ୍ରେମୀଙ୍କୁ ଦୁଃଖୀ କରି ଦେଇଛି ଏହାକୁ ନେଇ ଅନୁଷ୍କା ଶର୍ମା ଓ ରିତିକା ସଜଦେହ ଭାବିବହ୍ୱଳ ପୋଷ୍ଟ ସେୟାର କରିଛନ୍ତି। ରୋହିତଙ୍କ ସ୍ତ୍ରୀ ରିତିକା ଲେଖିଛନ୍ତି, କହିବାକୁ ବହୁତ କିଛି ଅଛି କିନ୍ତୁ ଏଯାବତ କିଛି କହିବାକୁ ଶବ୍ଦ ନାହିଁ କେବଳ ମନ ଯେତିକି ଭାବବିହ୍ୱଳ ହେଉଛି ସେତିକି ଗର୍ବ ବି ଲାଗୁଛି ଏହି ଖେଳାଳି ଓ ଦଳକୁ ଦେଶ ଗର୍ବିତ। ସେହିପରି ବିରାଟଙ୍କ ସ୍ତ୍ରୀ ଅନୁଷ୍କା ଲେଖିଛନ୍ତି, ଦଳ ବିଜୟୀ ହେବାପରେ ମୋ ଝିଅ ଯେତେବେଳେ ଟିଭିରେ ଖେଳାଳିଙ୍କୁ କାନ୍ଦୁଥିବାର ଦେଖିଥିଲା ତାର ମନରେ ଗୋଟିଏ ପ୍ରଶ୍ନ ଥିଲା କି ବାପାଙ୍କ ପାଖରେ କିଏ ଅଛି ତାଙ୍କୁ ଆଲିଙ୍ଗନ କରିବାକୁ ତାଙ୍କ ପାଖରେ ତ କୋଟିକୋଟି ଲୋକ ଥିଲେ ଆଲିଙ୍ଗନ କରିବାକୁ କି ଚମତ୍କାର ବିଜୟ କି ଚମତ୍କାର ଉପଲବ୍ଧି।

ଅନୁଷ୍କା ଆଉ ଏକ ପୋଷ୍ଟରେ ଲେଖିଛନ୍ତି, ମୁଁ ଏହି ବ୍ୟକ୍ତିଙ୍କୁ ଖୁବ ଭଲ ପାଏ ସେଥିପାଇଁ ତ ତାଙ୍କୁ ମୁଁ ମୋର ଘର ବୋଲି କହିଥାଏ ସମୟ ବିଳମ୍ବ ନକରି ଏବେ ଯାଅ ବିଜୟର ଉତ୍ସାହ ପାଳନ କର।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ